# ସୁନାରେ ନିର୍ମିତ ଶ୍ରୀରାମ ଧନୁକୁ ସ୍ୱାଗତ

ମାଲକାନଗିରି, ୮ ।୧(ସମିସ): ମାଲକାନଗିରି ଜିଲ୍ଲା ସଦରରେ ପହଞ୍ଚିଲା ଅଯୋଧ୍ୟା ଅଭିମୁଖେ ବାହାରିଥିବା ସୁନାରେ ନିର୍ମିତ ଶ୍ରୀରାମ ଧନୁ। ହନୁମାନ ବାଟିକା ରାଉଲକେଲାରୁ ଅଯୋଧ୍ୟା ଅଭିମୁଖେ ଏହି ରାମଧନୁ ବାହାରିଥିବା ବେଳେ ଏହା ବିଭିନ୍ନ ଜିଲ୍ଲା ଅତିକ୍ରମ କରି ଆଜି ମାଲକାନଗିରିରେ ପହଞ୍ଚିଛି। ମାଲକାନଗିରିରେ ପହଞ୍ଚିବା ପରେ ଏହି ଧନୁକୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହ ପୂଜାର୍ଚ୍ଚନା କରିବା ଓ ଏହାର ଦର୍ଶନ ପାଇଁ ଲୋକଙ୍କ ଭିଡ ଜମିଥିବା ଦେଖିବାକୁ ମିଳିଛି। ଜିଲ୍ଲା ହିନ୍ଦୁ ଜାଗରଣ ମଞ୍ଚ ପକ୍ଷରୁ ଏକ ବିଶାଳ ଶୋଭାଯାତ୍ରା ସହ ଏହି ଶ୍ରୀ ରାମ ଧନୁକୁ ସ୍ୱାଗତ କରାଇ ସହର ପରିକ୍ରମା କରିବା ପରେ ମାଲକାନଗିରି ରାମ ମନ୍ଦିରରେ ପହଞ୍ଚିଥିଲେ। ସହର ପରିକ୍ରମା ସମୟରେ ରାସ୍ତାରେ ହଜାର ହଜାର ଭକ୍ତ ଏହି ରାମ ଧନୁକୁ ଦର୍ଶନ କରିଥିଲେ। ଏହି ରାମ ଧନୁକୁ ଦେଖିବା ପରେ ଜିଲ୍ଲାବାସୀଙ୍କ ମଧ୍ୟରେ ଆନନ୍ଦ ଓ ଉଲ୍ଲାସ ଭରି ଯାଇଥିଲା। ଏହି ଧନୁ ଅଯୋଧ୍ୟା ଅଭିମୁଖେ ଯାତ୍ରା କରିବାକୁ ଥିବା ବେଳେ ବିଭିନ୍ନ ସ୍ଥାନରେ ଏହି ଧନୁକୁ ସ୍ୱାଗତ କରିବା ସହ ପୂଜାର୍ଚ୍ଚନା କରାଯାଉଥିବା ବେଳେ ଲୋକଙ୍କ ମଧ୍ୟରେ ଏହି ଧନୁକୁ ଦେଖିବାକୁ ବେଶ ଉତ୍ସାହ ଥିବା ଦେଖିବାକୁ ମିଳିଛି।



# ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କାୟାକଳ୍ପ ଟିମ୍

ପଦ୍ମପୁର, ୮।୧(ସମିସ): ରାୟଗଡ଼ା ଜିଲ୍ଲାର ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଜି ଅପରାହ୍ନରେ ସ୍ୱାସ୍ଥ୍ୟ ବିଭାଗର କାୟାକଳ୍ପ ଟିମ୍ ପରିଦର୍ଶନ କରିଛନ୍ତି। ଉକ୍ତ ଟିମ୍‌ରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଡାକ୍ତର ଶୁଭ୍ରାଜିତ୍ ରାଓ, ଡାକ୍ତର ବସନ୍ତ କୁମାର ସାହୁ, ଡାକ୍ତର ପ୍ରଶାନ୍ତ କୁମାର ସାବତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚିବା ପରେ ପଦ୍ମପୁର ମେଡିକାଲ ଇନ୍‌ଚାର୍ଜ ରୁତୁପୂର୍ଣ୍ଣା ପଟ୍ଟନାୟକ, ମ୍ୟାଲେରିଆ ନିରାକରଣ ଅଧିକାରୀ ଜୟଦେବ ଲିମାଲ୍ ପୁରି, ପବ୍ଲିକ ହେଲଥ ଅଫିସର ସଫିରା ରାଇକା, ବ୍ଲକ ପ୍ରେଗ୍ରାମ୍ ଅଫିସର ମନୋଜ ପଣ୍ଡା, ମୁଖ୍ୟ ସେବିକା କନକ ଗରଡିଆ, ପ୍ରମୁଖ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଟିମ୍ ସଦସ୍ୟମାନେ ମେଡିକାଲର ଚର୍ତୁପାର୍ଶ୍ୱ ବୁଲି ପରିମଳ ବ୍ୟବସ୍ଥା ଉପରେ ଦେଖିଥିଲେ। ପରେ ମେଡିକାଲ ବନ୍ଦୋବସ୍ତ ପରିଚାଳନା କିଭଳି ହେଉଛି ପଚାରି ବୁଝିଥିଲେ। ପ୍ରସୂତି ଗୃହ, ନିରାମୟ, ଇନଡୋର୍ ଓ ଆଉଟ୍ ଡୋର୍ ବୁଲି ସମସ୍ତ ପ୍ରକାର ସଂକ୍ରମଣ ନିରାକରଣ ଓ ରୋଗୀ ସେବା କିଭଳି କରାଯାଉଛି କର୍ମଚାରୀଙ୍କୁ ପଚାରି ବୁଝିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଜାତୀୟ ସ୍ୱାସ୍ଥ୍ୟ ମିଶନ୍ କାର୍ଯ୍ୟାଳୟକୁ ଯାଇ ଫାଇଲ୍ ପତ୍ର ତଦାରଖ କରି ଆତ୍ମସନ୍ତୋଷ ପ୍ରକାଶ କରିଥିଲେ। ଏହି ସମୟରେ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।



# ଡୁମସାପାଲି ଗାଁରେ ବସିଲା ନୂଆହାଟ

କୋରୁକୋଣ୍ଡା, ୮ ।୧(ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଡୁମସାପାଲି ସଦର ପଞ୍ଚାୟତରେ ଗୁରୁବାର ନୂତନ ଏକ ସାପ୍ତାହିକ ହାଟ ଆରମ୍ଭ ହୋଇଯାଇଛି। ଗ୍ରାମ ନିକଟ ଏକ ଜମିରେ ଆଦିବାସୀ ସମ୍ପ୍ରଦାୟର ବ୍ୟବସାୟୀମାନେ ହାଟ ଖୋଲି ବ୍ୟବସାୟ କରୁଥିବା ଦେଖିବାକୁ ମିଳିଛି। ଏହି ହାଟକୁ ଡୁମସାପାଲି, ପିଟା ଗାଟା, ବୁଦୁଗୁଡା, ବୋଇଲା ପାରି, ବେହେରା ଗୁଡା, ଡୁଡା ମେଟା ଅଞ୍ଚଳର ବିଭିନ୍ନ ଗାଁର ଚାଷୀ ଓ ବ୍ୟବସାୟୀମାନେ ପନିପରିବା ସହ ଅନ୍ୟାନ୍ୟ ଇତ୍ୟାଦି ବ୍ୟବହାର ସାମଗ୍ରୀ ଆଣିଥିଲେ। ବ୍ୟବସାୟ ଆରମ୍ଭ କରିଥିବାର ଦେଖିବାକୁ ମିଳିଥିଲା। ଅଞ୍ଚଳବାସୀ ମଧ୍ୟ ନୂତନ ହାବେ ହାଟକୁ ଯାଇ ଆବଶ୍ୟକ ସାମଗ୍ରୀ କିଣାକିଣି ଆସିବାର ଦେଖିବାକୁ ମିଳିଥିଲା। ଗାଁରେ ଗୁରୁବାର ସାପ୍ତାହିକ ହାଟ ଖୋଲିଥିବା ବେଳେ ଅଳ୍ପ କିଛି ବ୍ୟବସାୟୀ ବସି ବେପାର କରୁଥିବା ଦେଖିବାକୁ ମିଳିଥିଲା। ବଙ୍ଗୀୟ ସମ୍ପ୍ରଦାୟର ବ୍ୟବସାୟୀମାନେ ଏଠାକୁ ଆସି ନଥିଲେ। ଅଞ୍ଚଳର ଅଳ୍ପ ସଂଖ୍ୟକ ଆଦିବାସୀ ସାମ୍ପ୍ରଦାୟର ବ୍ୟବସୟୀ ବ୍ୟବସାୟ କରୁଥିଲେ। ଏହି ନୂତନ ହାଟକୁ ନେଇ ଆଞ୍ଚଳବାସୀ ଖୁସି ହୋଇଥିବା କହିଛନ୍ତି।

● ଜୁନିୟର ରେଡ୍‌କ୍ରସ ଶିକ୍ଷା

# ପ୍ରଶିକ୍ଷଣ ଶିବିର ପାଇଁ ପ୍ରସ୍ତୁତି ବୈଠକ

ମାଲକାନଗିରି, ୮ ।୧(ସମିସ): ମାଲକାନଗିରି ଜିଲ୍ଲା କାଲିମେଳା ଉଚ୍ଚ ବିଦ୍ୟାଳୟ କାଲିମେଳା ଠାରେ ଆସନ୍ତା ୧୭ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲା ସ୍ତରୀୟ ଜୁନିୟର ରେଡ଼କ୍ରସ ଶିକ୍ଷା ପ୍ରଶିକ୍ଷଣ ଶିବିର ପାଇଁ ଏକ ପୂର୍ବ ପ୍ରସ୍ତୁତି ବୈଠକ ସହକାରୀ ଜିଲ୍ଲା ଶିକ୍ଷାଧିକାରୀ ଭାଗିରଥି ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲା ରେଡ଼କ୍ରସ କମିଟିର ସଭ୍ୟ ସାତଟି ବ୍ଲକର ବ୍ଲକ ସଂଯୋଦକ, ସମସ୍ତ ସଭ୍ୟ ସଭ୍ୟା ତଥା ସମସ୍ତ କର୍ମକର୍ତ୍ତା ଉପସ୍ଥିତ ହୋଇଥିଲେ। ବୈଠକରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲା ସ୍ତରୀୟ ଶିବିର ପାଇଁ ଭେନ୍ୟୁ ବିଦ୍ୟାଳୟର ବ୍ୟବସ୍ଥା, ସୁ ପରିଚାଳନା ଦାୟିତ୍ୱ ବଣ୍ଟନ ଓ କାର୍ଯ୍ୟକ୍ରମ ସଫଳତା ହାସଲ ଉପରେ ଆଲୋଚନା ହୋଇଥିଲା। ବୈଠକରେ ଏଡିଇଓ ମାଲକାନଗିରି ଭାଗିରଥି ବେହେରା, ସମ୍ପାଦକ ତଥା ଜିଲ୍ଲା ଶାରିରୀକ ଶିକ୍ଷା ଅଧିକାରୀ କାର୍ତ୍ତିକ ଚନ୍ଦ୍ର ବେହେରା, ଯୁଗ୍ମ ସମ୍ପାଦକ ତଥା ପୁର୍ବତନ ଜିଲ୍ଲା ଯୁବ ରେଡ଼କ୍ରସ ଆବାହକ ରଞ୍ଜନ କୁମାର ସ୍ୱାଇଁ, ଜେଆରସିଓ ତଥା ସଂଯୋଜକ ନିରଞ୍ଜନ ମହାରଣା, ସମସ୍ତ ନୋଡ଼ାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀ ଉପସ୍ଥିତ ରହିଥିଲେ।



# ମଣ୍ଡିରେ ଅବ୍ୟବସ୍ଥା, ଉପଖଣ୍ଡ କୃଷକ ମଞ୍ଚର ଦାବିପତ୍ର

ଗୁଣୁପୁର, ୮।୧ (ସମିସ)

ଗୁଣୁପୁର ଉପଖଣ୍ଡର କୃଷକ ମଞ୍ଚ ତରଫରୁ ଏକ ବିରାଟ ରାଲି ବାହାର ଗୁଣୁପୁର ଉପଖଣ୍ଡରେ ମଣ୍ଡିର ଅବ୍ୟବସ୍ଥାକୁ ଭିତ୍ତି କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗତ ଡିସେମ୍ବର ମାସ ୧୭ ତାରିଖରେ ମଣ୍ଡି ଖୋଲାଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଅବ୍ୟବସ୍ଥା ଜାରି ରହିଛି। ଅବ୍ୟବସ୍ଥା ମଧ୍ୟରେ ରହିଛି ଆଜି ପର୍ଯ୍ୟନ୍ତ ସବୁ ଚାଷୀ ଟୋକନ ପାଇନାହାନ୍ତି। କେବଳ ତିରିଶି ପ୍ରତିଶତ ଚାଷୀ ହିଁ ଟୋକେନ ପାଇଥିବା ବେଳେ ଅନ୍ୟ ସତୁରୀ ଭାଗ ଚାଷୀ ଏଥିରୁ ବଞ୍ଚିତ ଅଛନ୍ତି। ଯେଉଁ ଚାଷୀ ଟୋକନ ପାଇଛନ୍ତି, ଟୋକନ୍‌ରେ ନିର୍ଦ୍ଧାରିତ ଧାନକ୍ରୟର ପରିମାଣ ଲେଖା ନ ଥିବାରୁ ଚାଷୀ ନିଜର ସମସ୍ତ ଉତ୍ପାଦିତ ଧାନକୁ ମଣ୍ଡିକୁ ପ୍ରଦାନ କରିପାରୁ ନାହାନ୍ତି। ଏଣୁ ଏହାର ପୁନଃ ନିରୂପଣ କରି ଟୋକନ ବ୍ୟବସ୍ଥା କରିବାକୁ ଦାବି ଜଣାଇଛନ୍ତି। ଏହି ବର୍ଷ କୌଣସି ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ଚାଷୀ ହୋଇନାହାଁନ୍ତି। ଧାନର ମାନ ଶୁଷ୍କ ରହିଥିବା ବେଳେ ମିଲରସ ମାନେ ଆଦ୍ରତାର ଆଳ ଦେଖାଇ ଅଧିକା ୮ କେଜି କଟ୍‌ନୀଛଟ୍‌ନୀ କରୁଥିବା ହେତୁ ଏଥିରୁ ନିବୃତ ରହିବାକୁ ଦାବି ଜଣାଇଛନ୍ତି। ଧାନକୁ ପ୍ରାଥମିକତା ଦେଇ ଶୀଘ୍ର ଧାନ ଉଠାଇବାକୁ ଦାବି ଜଣାଇଛନ୍ତି।ଉପରୋକ୍ତ ଦାବି ଗୁଡିକୁ ଯୁଦ୍ଧକାଳୀନ ଭିତ୍ତିରେ ସରକାର ଧ୍ୟାନ ଦେଇ ପୂରଣ କରିପାରିଲେ ସମଗ୍ର ଚାଷୀ ଉପକୃତ ହେବେ ବୋଲି ମଞ୍ଚ କହିଛି। ନଚେତ ଆଗାମୀ ଦିନରେ କୃଷକ ମଞ୍ଚ ଏହିସବୁ ଦାବି ଦୋହରାଇ ରାଜରାସ୍ତାକୁ ଓହ୍ଲାଇବ ବୋଲି ପତ୍ର ମାଧ୍ୟମରେ କହିଛନ୍ତି। ଗୁଣୁପୁର ଉପଖଣ୍ଡର ବିଭିନ୍ନ ବ୍ଲକରୁ ପ୍ରାକ୍ତନ ବିଜେଡି ବିଧାୟକ ରଘୁନାଥ ଗମାଙ୍ଗଙ୍କ ନେତୃତ୍ୱରେ ୫ ଶହରୁ ଅଧିକ ଚାଷୀ ଏହି ଆନ୍ଦୋଳନରେ ସାମିଲ ହୋଇ ଏକ ଶୋଭାଯାତ୍ରାରେ ଯାଇ ଗୁଣୁପୁର ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଉପଜିଲ୍ଲାପାଳଙ୍କ ତରଫରୁ ଡେପୁଟି କଲେକ୍ଟର ଶୁଭ୍ରସ୍ନାତ ରାଉତ ଚାଷୀଙ୍କ ସମସ୍ୟାକୁ ଅବଗତ ହୋଇ ଦାବିପତ୍ର ଗ୍ରହଣ କରିଥିଲେ।




**୮ କେଜି କଟ୍‌ନୀଛଟ୍‌ନୀ ହେଉଛି: ଚାଷୀ**

● ଗୋଟିଏ ଦିନରେ ୭୪ ଚାଷୀ ଦେଲେ ଧାନ

# ୩୯୮୪ ହଜାର କ୍ୱିଣ୍ଟାଲ ଧାନ ସଂଗ୍ରହ

ବିଷମକଟକ, ୮।୧(ସମିସ): ଗତ କାଲି ଅପରାହ୍ନରେ ମିଲର ମାନେ ଆନ୍ଦୋଳନରୁ ଓହରିବା ପରେ ବିଷମ କଟକ ଗଜବାହାଲ ଧାନ ମଣ୍ଡିରେ ଆଜି ଧାନ କିଣା ସ୍ୱାଭାବିକ ହୋଇଛି। ଗତକାଲି ମଣ୍ଡିରେ କ୍ୱିଣ୍ଟାଲ, କ୍ୱିଣ୍ଟାଲ ଧାନ ପଡ଼ି ରହିଥିବା ବେଳେ ଆଜି ମଣ୍ଡିରୁ ସମସ୍ତ ଚାଷୀଙ୍କ ଧାନ ଲ୍ୟାମ୍ପସ୍ କ୍ରୟ କରିଛି। ଏଥି ସହିତ ଆଜି ଟୋକନ ପାଇଥିବା ଚାଷୀ ମଣ୍ଡିକୁ ଧାନ ଆଣି ବିକ୍ରି କରିଛନ୍ତି। ଯେଉଁ ଚାଷୀ ମାନଙ୍କ ଟୋକନ୍ ଅବଧି ଶେଷ ପର୍ଯ୍ୟାୟରେ ପହଞ୍ଚିଛି ସେମାନଙ୍କ ପ୍ରାଥମିକତା ଦିଆଯାଇ ଧାନ କ୍ରୟ କରାଯାଇଛି। ଆଜି ଗୋଟିଏ ଦିନରେ ୭୪ଜଣ ଚାଷୀଙ୍କ ଠାରୁ ୩୯୮୪ କ୍ୱିଣ୍ଟାଲ ଧାନ କ୍ରୟ କରାଯାଇ ବ୍ଲକର ୪ଟି ମିଲରଙ୍କୁ ହସ୍ତାନ୍ତର କରାଯାଇଥିବା ଲ୍ୟାମ୍ପସ ଏମ୍‌ଡି ଶାନ୍ତନୁ ସାହୁ ସୂଚନା ଦେଇଛନ୍ତି। ବିଳମ୍ବରେ ହେଉ ପଛେ ମଣ୍ଡିରେ ଧାନ କିଣା ସ୍ୱାଭାବିକ ହୋଇଥିବାରୁ ଚାଷୀ ଆଶ୍ୱସ୍ତି ପ୍ରକାଶ ପାଇଛନ୍ତି। ହେଲେ ଆଜି ମଧ୍ୟ ଟୋକନ୍ ପାଇନଥିବା ବହୁ ଚାଷୀ ମଣ୍ଡିକୁ ଆସି ନିରାଶ ହୋଇ ଫେରିଛନ୍ତି। ମିଲର ମାନଙ୍କ ୪ଦଫା ଦାବି ନେଇ ଆନ୍ଦୋଳନରେ ରହିଥିବା ବେଳେ ଗତ ତିନି ଦିନ ସରକାରଙ୍କ ସହ ଆଲୋଚନା ପରେ ଗୋଟିଏ ଦାବି ପୁରଣ କରିବା ନିମନ୍ତେ ପ୍ରତିଶ୍ରୁତି ପାଇବା ସହ ବାକି ତିନୋଟି ଦାବି ଉପରେ ଆଲୋଚନା କରିବା ନିମନ୍ତେ ସରକାର ୧୫ଦିନର ମହଲତ ମାଗିଛନ୍ତି। ଏହା ପରେ ଚାଷିଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ରାଜ୍ୟ ମିଲର ସଂଘ ଆନ୍ଦୋଳନରୁ ଓହରିଛି। ରାଜ୍ୟ ସଂଘର ନିଷ୍ପତି କ୍ରମେ ବିଷମ କଟକ ମିଲର ଆଜି ଗଜବାହାଲ ମଣ୍ଡିରୁ ଆଜି ଧାନ ଉଠାଇବା ପ୍ରକିୟା ଆରମ୍ଭ କରିଥିବା ମିଲ ମାଲିକ ବାଳକୃଷ୍ଣ ଚୌଧୁରୀ ପ୍ରକାଶ କରିଛନ୍ତି।



● ଜେକେ ପେପର୍ କ୍ରିକେଟ ଲିଗ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

# ଶିରିପୁର ଟିମ୍‌କୁ ହରାଇ ଜେକେ ପେପର ମିଲ୍ ବିଜୟୀ

ରାୟଗଡ଼ା/ଜେକେପୁର, ୮।୧(ସମିସ): ଜେକେ ପେପର୍ ଲିମିଟେଡ୍ ୩ ପ୍ରଡକ୍ସନ ୟୁନିଟ୍, ଜେକେ ପେପର୍ ମିଲ୍ସ, ଜେକେପୁର, ସେଣ୍ଟ୍ରାଲ ପଲ୍ପ ମିଲ୍ସ, ସୋନଗଡ଼, ଶିରିପୁର ପେପର୍ ମିଲ୍ସ, କାଗଜ ନଗର ଓ ମୁଖ୍ୟ କାର୍ଯ୍ୟାଳୟ ଦିଲ୍ଲୀ, ମଧ୍ୟରେ ୟୁନିଟ୍ ସ୍ତରୀୟ ଟି ଟୋଣ୍ଟି କ୍ରିକେଟ ଲିଗ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟଟି ଆଜି ଠାରୁ ଆରମ୍ଭ ହୋଇ ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ୪ଦିନ ଧରି ଖେଳାଯିବ। ଆଜିର ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜେକେ ପେପର୍ ମିଲ୍ସର ମୁଖ୍ୟ ବିନୟ ଦ୍ୱିବେଦୀ, କାର୍ଯ୍ୟନିର୍ବାହୀ ଉପସଭାପତି (କାର୍ମିକ) ଉପସ୍ଥିତ ରହି ଟୁର୍ଣ୍ଣାମେଣ୍ଟକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମ ଉଦ୍‌ଘାଟନୀ ମ୍ୟାଚ ଶିରିପୁର ପେପର୍ ମିଲ୍ସ, କାଗଜ ନଗର ଓ ଜେକେ ପେପର୍ ମିଲ୍ସ, ଜେକେପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଜେକେ ପେପର୍ ମିଲ୍ସ ଟିମ୍ ଟସ ଜିଣି ୨୦ ଓଭରରେ ୬ ୱିକେଟ୍ ହରାଇ ୧୮୪ ରନ୍ ସଂଗ୍ରହ କରିଥିବା ବେଳେ ଶିରିପୁର ଟିମ୍ ସମସ୍ତ ୱିକେଟ ହରାଇ ୧୯. ୧ ଓଭରରେ ୭୬ ସଂଗ୍ରହ କରିଥିଲେ। ଜେକେ ପେପର୍ ମିଲ୍ସ ଟିମର ମହମ୍ମଦ ଅବେଶ ୩୫ ବଲରେ ୭୨ ରନ୍ ସଂଗ୍ରହ କରି ମ୍ୟାଚ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ଜେକେ ପେପର୍ ମିଲ୍ସ ଟିମ୍ ଉଦଘାଟନୀ ମ୍ୟାଚରେ ବୀଜୟ ଲାଭ କରି ଥିଲା। ଜେକେ ପେପର୍ ମିଲ୍ସର ବରିଷ୍ଠ ଅଧିକାରୀ ଗଣ, ସନ୍ଦୀପ ପାଣ୍ଡେ, ମହାପ୍ରବନ୍ଧକ, ମାନବ ସମ୍ବଳ ବିକାଶ, ଜେକେ କ୍ରିକେଟ କ୍ଲବ, ଜେକେପୁରର ପ୍ରେସିଡେଣ୍ଟ ଦୀପକ ସାମଲ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



**ବିଷମ କଟକ ଟେନିସ୍ ପ୍ରିମିୟର ଲିଗ୍ କ୍ରିକେଟ୍**

# ଏମ୍‌ପି-୧୧ ଚାମ୍ପିଅନ୍

ବିଷମକଟକ, ୮।୧(ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ସଦର ବ୍ୟାଙ୍କ ପଡ଼ିଆରେ ଚାଲିଥିବା ବିଷମ କଟକ ଟେନିସ୍ ଲିଗ୍ ସିଜନ-୨ କ୍ରିକେଟ୍ ଟୁର୍ଣମେଣ୍ଟ ଫାଇନାଲ୍‌ରେ ଏମ୍.ପି.୧୧ ବିଷମ କଟକ ବୁଲ୍‌କୁ ପରାସ୍ତ କରି ବିଜୟ ହୋଇଛି। ଏମ୍.ପି.୧୧ ପ୍ରଥମେ ବ୍ୟାଟିଂ କରି ୧୦୪ ରନ୍ କରିଥିବା ବେଳେ ବିଷମ କଟକ ବୁଲ୍‌ସ ୯୫ ରନ୍ କରି ପରାସ୍ତ ହୋଇଛି। ଫାଇନାଲ ପୁରସ୍କାର ବିତରଣ ଉତ୍ସବରେ ରାୟଗଡ଼ା ଜିଲ୍ଲା ଟ୍ରକ୍ ମାଲିକ ସଂଘ ସଭାପତି ତଥା ବରିଷ୍ଠ ବିଜେପି ନେତତା ୱାଲା ଭେଙ୍କେଟେଶ୍ୱର ରାଓ (କାଣ୍ଡାବାବୁ) ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଜୟୀ ଦଳ ଏମ.ପି. ୧୧ କୁ ୭୦ହଜାର ଟଙ୍କା ନଗଦ ରାଶି ସହ ଟ୍ରଫି ପ୍ରଦାନ କରିଛନ୍ତି। ସେହିପରି ପରାଜୟ ଦଳକୁ ୫୦ହଜାର ଟଙ୍କାର ନଗଦରାଶି ସହ ଟ୍ରଫି ପ୍ରଦାନ କରାଯାଇଛି। ଏ ଅବସରରେ ବିଷମ କଟକ ସାଂସଦ ପ୍ରତିନିଧି ଦିଲିପ କୁମାର ପଟ୍ଟନାୟକ, ସରକାରୀ ଓକିଲ ବିରଜା ପାତ୍ର, ବିଷମ କଟକ ବିଜେପି ମଣ୍ଡଳ ସଭାପତି ସୋମନାଥ ହିମିରିକା, ଗୌତମ ଉଲାକା, ସମାଜ ସେବୀ ଅମିତାଭ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାଶିନ ହୋଇଥିଲେ। ବିଷମ କଟକ ଟେନିସ୍‌ଲିଗ୍ କ୍ରିକେଟ କମିଟି ତରଫ ରୁ ଲିଗ୍ ଟି ଆୟୋଜନ କରାଯାଇଥିବା ବେଳେ ଏହି ଖେଳ ଗତ ୨୦ଦିନ ହେଲା ଚାଲୁ ରହିଛି। କ୍ରିକେଟ କମିଟିର ଶିବରାମ ନାୟକ, ଶଶୀ ପଟ୍ଟନାୟକ, ଅଶୋକ ତ୍ରିପାଠୀ, ପ୍ରଶାନ୍ତ ରଥ, ରାଜେଶ ବିଶ୍ୱଳା, ସମର କୁମାର ସାହୁ, ଅବନାନନ୍ଦ ନାୟକ, ରାହୁଲ ଆଚାରି, ସାଗର ପୁଜାରୀ, ରାଜେଶ ଗୌଡ, ହିମାଂସୁ ପାତ ଓ ରାମ ପାତ୍ର ପ୍ରମୁଖ ସହଯୋଗ କରିଛନ୍ତି।




# ଇପିଏଫ୍ ପେନସନଭୋଗୀଙ୍କ ପେନସନ୍ ବୃଦ୍ଧି ଲାଗି ବିକ୍ଷୋଭ

ରାୟଗଡ଼ା, ୮।୧(ସମିସ): ଅଲ୍ ଓଡ଼ିଶା ଇପିଏଫ୍ ପେନସନର ରାଜ୍ୟ ମହାସଂଘର ଡାକରାରେ ଆଜି ରାୟଗଡ଼ା ଜିଲ୍ଲା ସଂଘ ତରଫରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ହୋଇଛି। ଏହି ଅବସରରେ ଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଇପିଏଫ୍ ପେସେନଭୋଗୀ ମାନଙ୍କୁ ସର୍ବନିମ୍ନ ମାସିକ ୯ ହଜାର ଟଙ୍କା ସହିତ ମହଙ୍ଗା ଭତ୍ତା ଲାଗୁ କରିବା ଏବଂ ସମସ୍ତ ଇପିଏଫ୍ ପେନସନ ଭୋଗୀଙ୍କୁ ନିଶୁଳ୍କ ଚିକିତ୍ସା ସୁବିଧା ପ୍ରଦାନ କରିବା ଦାବି ନେଇ ଶୋଭାଯାତ୍ରା ମାଧ୍ୟମରେ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ଦୀର୍ଘ ବର୍ଷ ଧରି କେନ୍ଦ୍ର ସରକାରଙ୍କ ନିକଟରେ ବହୁବାର ଦାବି ଉପସ୍ଥାପନ କରାଯାଇଥିଲେ ସୁଦ୍ଧା ସରକାର କୌଣସି ଆନ୍ତରିକତା ସହିତ ବିଚାରକୁ ନେଉ ନାହାନ୍ତି। ଆଜିର ଏହି ଶୋଭାଯାତ୍ରାରେ ଉଠା ଜଳସେଚନ ନିଗମ, ବନ ନିଗମ, କ୍ଷୁଦ୍ର ଜଳସେଚନ, ସଡ଼କ ପରିବହନ ନିଗମର ପ୍ରାୟ ୪୦ ଜଣ ଇପିଏଫ୍ ପେନସନ ଭୋଗୀ ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସଭାପତି ପ୍ରଶାନ୍ତ କୁମାର ପଟ୍ଟନାୟକ ଓ ସାଧାରଣ ସମ୍ପାଦକ ଫକୀର ମୋହନ ନାୟକ ପରିଚାଳନା କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ ଦାବିପତ୍ର ଗ୍ରହଣ କରିଥିଲେ।




# ଏୟୁପିଟିଏଫ୍ ଶିକ୍ଷକ ସଂଘର ପ୍ରତିଷ୍ଠା ଦିବସ

ରାୟଗଡ଼ା, ୮।୧(ସମିସ): ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ରାୟଗଡ଼ା ତରଫରୁ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ ଓଡ଼ିଶାର ଏକାଅଶିତମ ପ୍ରତିଷ୍ଠା ଦିବସ ସ୍ଥାନୀୟ ବ୍ରାହ୍ମଣ ସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବୁଧବାର ଦିନ ପାଳିତ ହୋଇଛି। ଉପସଭାନେତ୍ରୀ ବି ସୁଜାତାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ସଂଘ ଉପସଭାପତି ନରେଶ ସିଂ ଓ ଆଞ୍ଚଳିକ ସମ୍ପାଦକ ଦିପକ ରାଉତ ମିଳିତ ଭାବେ ସଂଘୀୟ ପତାକା ଉତ୍ତୋଳନ କରିଥିଲେ। ଡ. ହରେକୃଷ୍ଣ ମହତାବଙ୍କ ଦ୍ୱାରା ୧୯୪୬ ମସିହା ଜାନୁଆରୀ ୭ ତାରିଖରେ ପ୍ରତିଷ୍ଠିତ ଏହି ସର୍ବ ପୁରାତନ ସଂଘ ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନର ବିକାଶ ନିମନ୍ତେ ସର୍ବଦା ଚେଷ୍ଟିତ। ଏହି ଶିକ୍ଷକ ସଂଘରେ ସବୁ ବର୍ଗର ଶିକ୍ଷକ ସାମିଲ ଥିବାରୁ ସମସ୍ତ ବର୍ଗର ଶିକ୍ଷକଙ୍କ ପାଇଁ ଏୟୁପିଟିଏଫ କାର୍ଯ୍ୟକରି ଆସୁଛି ବୋଲି ଉପସଭାନେତ୍ରୀ ବି ସୁଜାତା ପ୍ରକାଶ କରିଛନ୍ତି। ଜିଲ୍ଲା ସମ୍ପାଦକ ନୀଳାଞ୍ଚଳ ମିଶ୍ର, ସଂଯୋଜକ ସାନନ୍ଦ ବେନିଆ, ରାୟଗଡ଼ା ବ୍ଲକ ସଭାପତି ସଦାନନ୍ଦ ନାୟକ, ସମ୍ପାଦକ ଦୁର୍ଗା ସନ୍ୟାସୀ ବେହେରା, ସୁବାସ ଚନ୍ଦ୍ର ପାଳ, ଶିବରାମ ମିଶ୍ର, ମୃତ୍ୟୁଞ୍ଜୟ ସା, ମହେନ୍ଦ୍ର ବିଭୋର, ସରୋଜ କୁମାର ପତ୍ରୀ ପ୍ରମୁଖ ସଂଘୀୟ କର୍ମକର୍ତ୍ତାଗଣ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ଉଦ୍ୟୋଗ ସଚେତନତା କାର୍ଯ୍ୟକ୍ରମ

ରାୟଗଡ଼ା, ୮।୧(ସମିସ): ରାୟଗଡ଼ା ସହରର ସ୍ଥାନୀୟ ଜିଲ୍ଲା ଶିଳ୍ପ କେନ୍ଦ୍ର ସମ୍ମିଳନୀ କକ୍ଷରେ ଏକ ଦିବସୀୟ ଶିଳ୍ପ ସଚେତନତା ଶିବିର ଆୟୋଜିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ଶିଳ୍ପଦ୍ୟୋଗୀ ଋଣସୁଧ ପ୍ରତିପୂରଣ ଯୋଜନାରେ ଲାଭାନ୍ୱିତ ହେବାକୁ ଥିବା ପ୍ରାୟ ୪୩ଜଣ ଶିଳ୍ପଦ୍ୟୋଗୀ ଏଥିରେ ଯୋଗଦାନ କରିଥିଲେ। ଜିଲ୍ଲା ଶିଳ୍ପ କେନ୍ଦଅର ସାଧାରଣ ପରିଚାଳକ ଚିତରଞ୍ଜନ ମଲ୍ଲିକଙ୍କ ପୌରୋହିତ୍ୟରେ ସଭାକାର୍ଯ୍ୟ ଆରମ୍ଭ କରାଯାଇ ଉକ୍ତ ଯୋଜନା ସମ୍ବନ୍ଧରେ ବିଶେଷ ଭାବେ ଆଲୋକପାତ କରାଯାଇଥିଲା। ଅତିଥି ପରିଚୟ ଓ ସ୍ୱାଗତ ସମ୍ଭାଷଣରେ ସୁନୀଲ ପଟ୍ଟନାୟକ, ଆଇପିଓ ଯୋଜନାର ରୂପରେଖ, ଉପଲବ୍ଧ ସୁବିଧାବଳୀ, ଦରଖାସ୍ତ ଦାଖଲର ପ୍ରଣାଳୀ, ଦରକାରୀ କାଗଜପତ୍ର, ସମୟସୀମା ଆଦି ବୁଝାଇ କହିଥିଲେ। ସେହିପରି ଅଂଶୁମାନ ବେହେରା, ଆଇପିଓ ତ୍ରୁଟିଶୂନ୍ୟ ଆବେଦନ ପାଇଁ ଉଦାହରଣ ଦେଇଥିଲେ। ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଅବସରପ୍ରାପ୍ତ ବରିଷ୍ଠ ଶିଳ୍ପ ଅଧିକାରୀ ତଥା ରାୟଗଡ଼ା ଶିଳ୍ପ ସଂଘର ଔଦ୍ୟୋଗିକ ପରାମର୍ଶଦାତା ସବ୍ୟସାଚୀ ସାହୁ ବର୍ତ୍ତମାନ ଡିଆଇସି ମାନଙ୍କ ଜରିଆରେ ପ୍ରଦାନ କରାଯାଉଥିବା ସମସ୍ତ ଯୋଜନାର ଉପଲବ୍ଧ ସୁବିଧା ଓ ରିହାତି ମାନଙ୍କ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ନରିନ କୁମୁଦନ, ଅଧ୍ୟକ୍ଷ, ଓଡ଼ିଶା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀ ସଂଘ ତାଙ୍କର ଅନୁଭୂତି ବଖାଣିବା ସହିତ ଉକ୍ତ ଯୋଜନାର ଲାଭ ନେବାକୁ ନିର୍ଦ୍ଧାରିତ ଚଳିତ ମାସ ଆସନ୍ତା ଜାନୁଆରୀ ୧୫ତାରିଖ ପୂର୍ବରୁ ଆବେଦନ ନିମନ୍ତେ ଜଣାଇଥିଲେ। ସେ ମଧ୍ୟ ଏକ ଶିଳ୍ପଦ୍ୟୋଗ ପ୍ରଦର୍ଶନୀ ମେଳା ଓ ରାୟଗଡ଼ା ସହର ଉପକଣ୍ଠରେ ଆଉ ଏକ ଶିଳ୍ପାଞ୍ଚଳ ପ୍ରତିଷ୍ଠା ନିମନ୍ତେ ସାଧାରଣ ପରିଚାଳକଙ୍କୁ ନିବେଦନ କରିଥିଲେ। ପରିଶେଷରେ ସୁବ୍ରତ କୁମାର ପଟ୍ଟନାୟକ, ଆଇପିଓ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଜିଲ୍ଲା ନିବେଶ ବିକାଶ ସଂସ୍ଥାନର ଅଧିକାରୀଗଣ ଲକ୍ଷ୍ମୀକାନ୍ତ ଜେନା, ସୁନୀଲ କୁମାର ପ୍ରଧାନ ଏବଂ ସୌମିତ୍ର ପଟ୍ଟନାୟକ, ବରିଷ୍ଠ ସହାୟକ ଡିଆଇସି ସଭା ପରିଚାଳନାରେ ସହାୟତା କରିଥିଲେ।

# ୧୦ରୁ ଓଭରବ୍ରିଜ୍‌ରେ ଯାତାୟାତ ନିଷେଧ

ରାୟଗଡ଼, ୮।୧(ସମିସ)

ରାୟଗଡ଼ା ସହରର ଲାଇଫ୍ ଲାଇନ୍ କୁହାଯାଉଥିବା ଓଭରବ୍ରିଜର ଆବଶ୍ୟକୀୟ ପୁନରୁଦ୍ଧାର ତଥା ନିର୍ମାଣ କାର୍ଯ୍ୟ ନିମନ୍ତେ ଚଳିତ ଜାନୁଆରୀ ମାସ ୧୦ତାରିଖରୁ ଯାତାୟାତ ନିଷେଧ କରାଯାଇଛି। ଆଜି ରାୟଗଡ଼ା ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଆଶୁତୋଷ କୁଲକର୍ଣ୍ଣି ନିଷେଧାଦେଶ ଜାରି କରିଛନ୍ତି। ଏ ନେଇ ଜନସାଧାରଣଙ୍କୁ ଅବଗତ କରାଯାଇଛି। ୩୨୬ ନଂ ଜାତୀୟ ରାଜପଥ ଅନ୍ତର୍ଗତ ରାୟଗଡ଼ା ସହରର ରେଳ ଓଭରବ୍ରିଜ (ଆରଓବି) ଠାରେ ଆବଶ୍ୟକୀୟ ପୁନରୁଦ୍ଧାର/ନିର୍ମାଣ କାର୍ଯ୍ୟ କରାଯିବା ନିମନ୍ତେ ଆସନ୍ତା ଜାନୁଆରୀ ୧୦ତାରିଖରୁ କାର୍ଯ୍ୟ ସମାପ୍ତି ପର୍ଯ୍ୟନ୍ତ ଏହି ସେତୁ ଉପରେ ଯାତାୟାତ ବନ୍ଦ ରଖାଯିବାକୁ ନିର୍ଦ୍ଦେଶ ହୋଇଛି। ଏହି ନିର୍ମାଣ କାର୍ଯ୍ୟ ସମାପ୍ତି ମଧ୍ୟରେ ସାଧାରଣ ଯାନବାହନ ଚଳାଚଳ ପାଇଁ ଦୁଇଟି ବକଳ୍ପ ରାସ୍ତା ବ୍ୟବହାର କରିବାକୁ ସାଧାରଣ ଜନତାଙ୍କୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଏହି ବକଳ୍ପ ରାସ୍ତା ମଧ୍ୟରେ ପ୍ରଥମଟି ପୂର୍ତ୍ତ ବିଭାଗ ରାସ୍ତା ଶିରିଗୁଡା ଛକରୁ ରୟତ କଲୋନୀ ଦେଇ ସାଇ ଇଣ୍ଟରନ୍ୟାସନାଲ ଛକ ଏବଂ ତାହାର ବିପରୀତ ଦିଗରେ ଭାରୀଯାନ ଚଳାଚଳ କରିବ ଏବଂ ଦ୍ୱିତୀୟ ବିକଳ୍ପ ରାସ୍ତା ପୌର ପାଳିକା ରାସ୍ତା ମାର୍ଗରେ କପିଳାଶ ଛକରୁ ରେଳବାଇ ଅଣ୍ଡରପାସ ଦେଇ ତହସିଲ ଛକ ଦେଇ ଯିବା ଆସିବା କରିବାକୁ ରୋଡ ମ୍ୟାପ୍ ପ୍ରସ୍ତୁତ କରାଯାଇଛି। ଫଳରେ ଓଭରବ୍ରିଜ କାମଟି ସୁରକ୍ଷିତ ଏବଂ ସୂଚାରୁ ଭାବେ ସମ୍ପାଦନା କରାଯାଇପାରିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ଏଥିସହ ଜରୁରୀକାଳନୀ ସ୍ୱାସ୍ଥ୍ୟ ସେବା ଯୋଗାଉଥିବା ଆମ୍ବୁଲାନ୍ସ ସେବା ପାଇଁ ଆବଶ୍ୟକ ମାତ୍ରାରେ ବ୍ୟବସ୍ଥା କରାଯିବ ଏବଂ ଭିଆଇପିଙ୍କ ଗସ୍ତକୁ ମଧ୍ୟ ଏହି ବ୍ୟବସ୍ଥା ଉପଲବ୍ଧ ହେବ ବୋଲି ଜାତୀୟ ରାଜପଥ ରାୟଗଡ଼ା ଉପ ବିଭାଜନର ସେକ୍ସନ-୨ କନିଷ୍ଠ ଯନ୍ତ୍ରୀ ସ୍ମିତାଞ୍ଜଳି ସାହୁ ପ୍ରକାଶ କରିଛନ୍ତି। ସେହିପରି ଓଭର ବ୍ରିଜ ପୁନରୁଦ୍ଧାର କାର୍ଯ୍ୟରେ ଏକ୍ସପେନସନ ଜଏଂଟ କାମଟି କେବଳ ଅଧିକ ଦିନ ଲାଗିବାକୁ ଥିବା ବେଳେ ଉକ୍ତ କାମଟି କିଭଳି ଯଥାଶୀଘ୍ର ସମାପ୍ତ ହେବ ସେଥିପ୍ରତି ବିଭାଗ ତତ୍ପର ରହିଥିବା ବେଳେ ଆସନ୍ତା ମାର୍ଚ୍ଚ ମାସ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ପୁନରୁଦ୍ଧାର କାର୍ଯ୍ୟ ସମାପ୍ତ ହେବାର ସମ୍ଭାବନା ରହିଛି ବୋଲି ଯନ୍ତ୍ରୀ ସୁଶ୍ରୀ ସାହୁ ପ୍ରକାଶ କରିଛନ୍ତି। ତେଣୁ ଜନସାଧାରଣଙ୍କ ସୁରକ୍ଷା ଓ ସୁବିଧା ଦୃଷ୍ଟିରୁ ପ୍ରଶାସନକୁ ସହଯୋଗ କରିବା ସହ ଯାତାୟାତ ନିୟମ ମାନିବାକୁ ସମସ୍ତଙ୍କୁ ଜିଲ୍ଲାପାଳ ଅନୁରୋଧ କରିଛନ୍ତି। ଅପରପକ୍ଷେ କପିଳାଶ ଛକରୁ ରେଳୱେ ଅଣ୍ଡରପାସ ରାସ୍ତା ପ୍ରତିଦିନ ବ୍ୟସ୍ତବହୁଳ ହୋଇ ରହୁଥିବା ବେଳେ ରାସ୍ତା କଡରେ ଉଠା ଦୋକାନୀଙ୍କ ସମେତ ରାସ୍ତାଟି ସଂକୀର୍ଣ୍ଣ ଥିବାରୁ ହଜାର ହଜାର ଲୋକଙ୍କ ଯାନାବାହନ ଚଳାଚଳ ନିଶ୍ଚିତ ଭାବେ ଟ୍ରାଫିକ୍ ସମସ୍ୟା ବୃଦ୍ଧି କରିବା ବୋଲି ଆଲୋଚନା କରୁଥିବା ବେଳେ ଓଭରବ୍ରିଜ କାର୍ଯ୍ୟକୁ ସମୟସୀମା ମଧ୍ୟରେ ଯଥାଶୀଘ୍ର ସାରିବାକୁ ବୁଦ୍ଧିଜୀବି ମହଲରେ ଚର୍ଚ୍ଚା ହେଉଛି।



**ଆରମ୍ଭ ହେବ ପୁନରୁଦ୍ଧାର କାର୍ଯ୍ୟ**

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଇମେଲ୍: crpd@sbi.co.in
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିନାମା ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିନାମା ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

ବିଜ୍ଞାପନ ସଂ. CRPD/SCO/2025-26/17

| ପୋଷ୍ଟର ନାମ | ମୂଳ ଖାଲି ପଦବୀ | ଅତିରିକ୍ତ ଖାଲି ପଦବୀ ଅନ୍ତର୍ଭୁକ୍ତ | ଅନ୍ତିମ ଖାଲି ପଦବୀ |
|---|---|---|---|
| ଭିପି ୱେଲ୍ଥ (ଏସଆରଏମ) | 506 | 76 | 582 |
| ଏଭିପି ୱେଲ୍ଥ (ଆରଏମ) | 206 | 31 | 237 |
| ଗ୍ରାହକ ସମ୍ପର୍କ କାର୍ଯ୍ୟନିର୍ବାହୀ | 284 | 43 | 327 |

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ **https://sbi.bank.in/web/careers/current-openings** ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟ **(https://sbi.bank.in/web/careers/post-your-query)** ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 02.12.2025 ରୁ 10.01.2026" ପର୍ଯ୍ୟନ୍ତ ।**

"23.12.2025 ରୁ 10.01.2026 ପର୍ଯ୍ୟନ୍ତ ବୃଦ୍ଧି ମଂଜୁର କରାଯାଇଛି

**ସ୍ଥାନ:** ମୁମ୍ବାଇ
**ତାରିଖ:** 31.12.2025
**ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)**

ସକାଳ
THE SAKALA



# ବୋମା ଗୁଜବ: ଜିଲ୍ଲା କୋର୍ଟ ଖାଲି କରି କଡ଼ାକଡ଼ି ଯାଞ୍ଚ

ଜୟପୁର, ୮ ।୧(ସମିସ)

ରାଜ୍ୟର ହାଇକୋର୍ଟ ସମେତ ସମ୍ବଲପୁର ଏବଂ ଦେବଗଡ଼ ଜିଲ୍ଲା କୋର୍ଟରେ ବୋମା ରହିଥିବା ଗୁଜବକୁ ନେଇ ରାଜ୍ୟର ବିଭିନ୍ନ ଜିଲ୍ଲା କୋର୍ଟ ଗୁଡିକରେ ସୁରକ୍ଷା ଯାଞ୍ଚ କରାଯାଇଛି । ଏହିପରି ଆଜି କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ଜିଲ୍ଲା କୋର୍ଟ ପରିସରରେ ମଧ୍ୟାହ୍ନ ଗୋଟାଏ ସମୟରେ ହଠାତ୍ ହାଇକୋର୍ଟରୁ ଏକ ଅନ୍‌ଲାଇନ ମେଲ୍ ମାଧ୍ୟମରେ କୋର୍ଟ ପରିସର ତୁରନ୍ତ ଖାଲି କରାଯାଇ ଯାଞ୍ଚ କରିବାକୁ ସୂଚନା ଆସିଥିଲା । ଜିଲ୍ଲା ଜଜଙ୍କ ନିର୍ଦ୍ଦେଶକ୍ରମେ ସମସ୍ତ କୋର୍ଟ ଜଜ୍ ଏବଂ କର୍ମଚାରୀ, ଆଇନଜୀବୀ, ବିଭିନ୍ନ ମାମଲାରେ ଆସିଥିବା ମହକିଲ ସମେତ ସାଧାରଣ ଲୋକଙ୍କୁ ପ୍ରାୟ ୫ରୁ ୧୦ ମିନିଟ ମଧ୍ୟରେ ଭବନ ବାହାରକୁ ଚାଲିଯିବାକୁ କୁହାଯାଇଥିଲା । ସମସ୍ତେ ଜିଲ୍ଲା କୋର୍ଟ ଭବନ ବାହରକୁ ଚାଲି ଆସିଥିଲେ । ଖବର ପାଇ ଘଟଣାସ୍ଥଳରେ ଜୟପୁର ଟାଉନ୍ ଥାନା ପୁଲିସ, ଅଗ୍ନିଶମ ବିଭାଗ, କୋରାପୁଟ ଜିଲ୍ଲା ମୁଖ୍ୟାଳୟରୁ ବୋମା ନିଷ୍କ୍ରିୟ ସ୍କ୍ୱାର୍ଡ, ଯାଞ୍ଚ ମେସିନ ଏବଂ ୩ଟି ବୋମା ସନ୍ଧାନକାରୀ କୁକୁର ଦଳ ଆସି ଜିଲ୍ଲା କୋର୍ଟ ପରିସରର ତନତନ ଯାଞ୍ଚ କରିଥିଲେ । ଅପରାହ୍ନରେ କିଛି ମାତ୍ରାରେ କୋର୍ଟ କାର୍ଯ୍ୟ ଆରମ୍ଭ ହୋଇଥିଲେ ସୁଦ୍ଧା, ପୁଲିସ ଓ ଯାଞ୍ଚକାରୀ ଦଳ ଗାଡି ପାର୍କିଂସ୍ଥଳ, ଭବନର ସମସ୍ତ କକ୍ଷ, କୋର୍ଟ ହଲ, ଜିଲ୍ଲା ବାରର କାର୍ଯ୍ୟାଳୟ ଏବଂ ପରିସରକୁ ମଧ୍ୟ ଯାଞ୍ଚ କରିଥିଲେ । ଆଇନଜୀବୀମାନେ ଭୟଭୀତ ହୋଇଥିବା ବେଳେ କୋର୍ଟ ପ୍ରବେଶ ଦ୍ୱାରରେ ମେଟାଲ ଡିଟେକ୍ଟର ଏବଂ ଅନ୍ୟାନ୍ୟ ଯାଞ୍ଚ ମେସିନ ସଂଯୋଗ କରିବାକୁ ଦାବି କରିଛନ୍ତି ।



## ଡିଗ୍ରୀ କଲେଜ ଶିବିରାର୍ଥୀଙ୍କୁ ପ୍ରଶିକ୍ଷଣ



ବୈପାରିଗଡ଼ା, ୮।୧(ସମିସ): ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ବସିନିଗୁଡା ଠାରେ ସହିଦ ଲକ୍ଷ୍ମଣ ନାୟକ ଡିଗ୍ରୀ ମହାବିଦ୍ୟାଳୟର ସ୍ୱତନ୍ତ୍ର ଶୀତକାଳୀନ ଶିବିର ଆରମ୍ଭ ହୋଇଯାଇଛି ଅନୁଷ୍ଠାନର ପ୍ରିନ୍ସପାଲ ସ୍ନେହଲତା ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଜାତୀୟ ସେବା ଯୋଜନା ତରଫରୁ ୭ ଦିନିଆ ସ୍ୱତନ୍ତ୍ର ଶୀତକାଳୀନ ଶିବିର ଆରମ୍ଭ ହୋଇଛି । ମହାବିଦ୍ୟାଳୟର ୫୦ ଜଣ ଶିବିରାର୍ଥୀଙ୍କୁ ନେଇ ଏହି ଶିବିର ୭ ତାରିଖରୁ ୧୩ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେଉଛି । ଆଜି ଦ୍ୱିତୀୟ ଦିନରେ ଅନୁଷ୍ଠାନର ପୂର୍ବତନ ଅଧ୍ୟକ୍ଷ ତଥା ସିଏଚଏନଆରର ଜିଲ୍ଲା ସଂଯୋଜକ ସୁନୀଲ କୁମାର ମିଶ୍ର ଜନ କଲ୍ୟାଣ ସରକାରୀ ଯୋଜନା ବିଷୟକୁ ନେଇ ପ୍ରଶିକ୍ଷଣ ଦେଇଥିଲେ । ସେହିପରି ଯୁବ ପୁରସ୍କାର ପ୍ରାପ୍ତ ତଥା ସମାଜସେବୀ ଏନ.ସନ୍ତୋଷ କୁମାର ଏବଂ ଫ୍ରେଣ୍ଡସ ୟୁନିଟ କ୍ଲବ ସଦସ୍ୟ ଧନପତି ନାୟକ ଉପସ୍ଥିତ ରହି ବିଭିନ୍ନ ଖେଳ ଓ ଆଲୋଚନା ମାଧ୍ୟମରେ ଯୁବ ନେତୃତ୍ୱ ବିଷୟରେ ସଚେତନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଏନଏସ୍ଏସ୍ ସଂଯୋଜକ ଡାକ୍ତର ମନୋରଞ୍ଜନ ପ୍ରଧାନ ତଦାରଖ କରି ଫେରିଛନ୍ତି । ଏହି ଶିବିରକୁ ଜାତୀୟ ସେବା ଯୋଜନା ଅଧିକାରୀ ହିମାଂଶୁ ଶେଖର ବକ୍ସି ସୂଚାରୁ ଭାବେ ପରିଚାଳନା କରିଥିଲେ ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ



ଡାବୁଗାଁ, ୮।୧(ସମିସ): ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମା ଜୟନ୍ତୀ ନଗର ଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ତ୍ରୟୋବିଂଶ ବାର୍ଷିକ ଉତ୍ସବ ମହାସମାରୋହରେ ବୁଧବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଏମ୍. ସୂର୍ଯ୍ୟ ନାରାୟଣ ସୁବୁଦ୍ଧି ଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପ୍ରାନ୍ତ କୁଟୁମ୍ବ ପ୍ରବୋଧନ ଡାଃ ବିପିନ ବିହାରୀ ମିଶ୍ର, ସମ୍ମାନିତ ଅତିଥି ଡାବୁଗାଁ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ରଶ୍ମିତା ନେତାମ, ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ସଞ୍ଜୟ କୁମାର ପାଢ଼ୀ, ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ସତ୍ୟନାରାୟଣ ଚୌଧୁରୀ ପ୍ରମୁଖ ମଞ୍ଚାସୀନ ଥିଲେ । ପ୍ରଥମେ ପ୍ରଧାନ ଆଚାର୍ଯ୍ୟ ସତ୍ୟନାରାୟଣ ଚୌଧୁରୀ ବିଦ୍ୟାଳୟର ବାର୍ଷିକ ବିବରଣୀ ପଠନ କରିଥିଲେ । ଅତିଥି ମାନେ ଛାତ୍ରୀଛାତ୍ର ମାନଙ୍କୁ ଭଲ ପାଠ ପଢ଼ି ନିଜର ବିଦ୍ୟାଳୟ ନାମ ରଖିବା, ଜଣେ ଭଲ ମଣିଷ ହେବା, ଭବିଷ୍ୟତରେ ଛାତ୍ରୀ ଛାତ୍ର ମାନେ ଉନ୍ନତି କରିବା ପାଇଁ ପରାମର୍ଶ ଦେଇଥିଲେ । ବିଭିନ୍ନ ପ୍ରତିଯୋଗୀତାରେ କୃତକାର୍ଯ୍ୟ ହୋଇଥିବା କୃତି ପ୍ରତିଯୋଗୀ ମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଶେଷରେ ଛାତ୍ରୀ ଛାତ୍ର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ଚେକ୍‌ଡ୍ୟାମ୍ କାମରେ ଆସୁନି, ଚାଷୀଙ୍କ ହିନସ୍ତା



ପୋଡ଼ାଗଡ଼, ୮।୧(ସମିସ): ଚାଷୀମାନଙ୍କ ଜମିରେ ଜଳସେଚନ ନିମନ୍ତେ ସରକାର ଚେକ୍‌ଡ୍ୟାମ ଉଠା ଜଳସେଚନ ପ୍ରକଳ୍ପ ମାଧ୍ୟମରେ ଜମିରେ ଜଳ ସେଚନ ନିମନ୍ତେ ପଦକ୍ଷେପ ନେଉଛନ୍ତି । ଲକ୍ଷ ଲକ୍ଷ ଟଙ୍କା ବିନିମୟରେ ନିର୍ମାଣ କରାଯାଇଛି । କିନ୍ତୁ ବିଭାଗୀୟ ଅଧିକାରୀ ମାନଙ୍କର ଉଦାସୀନତା ହେତୁ କେତେ ସ୍ଥାନରେ ଅଧପନ୍ତରିଆ ଯୋଗୁଁ ଚାଷୀଙ୍କ କାମରେ ଲାଗୁନାହିଁ । ଆଉ କେତେକ ସ୍ଥାନରେ ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହେବାରେ ଲାଗିଛି । ଏହିପରି ଦୃଶ୍ୟ ଦେଖିବାକୁ ମିଳିଛି କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅଧିନସ୍ଥ ପାଇକ ଫୁଲବେଡା ପଞ୍ଚାୟତ ସଦର ମହକୁମା ର ନାଳରେ ଓ ଝିଲିକ ବେଡ଼ା ଗ୍ରାମରେ ଦେଖିବାକୁ ମିଳିଛି । ଦୁଇଟି ଗ୍ରାମରେ ଦୀର୍ଘ ୮ ରୁ ୧୦ ବର୍ଷ ପୂର୍ବେ କ୍ଷୁଦ୍ର ଜଳସେଚନ ବିଭାଗ ତଥା ମାଇନର ଇରିଗେସନ୍ ବିଭାଗ କୋରାପୁଟ ଦ୍ୱାରା କରାଯାଇଥିଲା । ପାଇକ ଫୁଲବେଡା ଝିଲିକିବେଡା ଗ୍ରାମର ଚାଷୀମାନଙ୍କ ଜମିରେ ଜଳସେଚନ ନିମନ୍ତେ ନିର୍ମାଣ କରାଯାଇଥିଲା । କିନ୍ତୁ ତାହା ଚାଷୀର କାମରେ ଲାଗୁନାହିଁ । କାମରେ ତ ଲାଗୁନାହିଁ । କିନ୍ତୁ ଡ୍ୟାମ ଉପର ମୁଣ୍ଡରେ ବାଲି ମାଟି ଗଡ଼ାହୋଇ ରହିଥିବାରୁ ଚାଷ ମଧ୍ୟ କରିହେଉନାହିଁ ବାଲି ଗ୍ରାମବାସୀ କହିଛନ୍ତି । ଡ୍ୟାମରେ ଥିବା ଗେଟ କାମ କରୁନଥିବାରୁ ଅନାବନା ବାଲି ମାଟି ଆସି ଚାଷ କରୁଥିବା ବିଲରେ ଜମା ହୋଇ ରହିଥିବା ଦେଖା ଦେଇଛି । ଯେହେତୁ ପାଣି ଜମା ହଇ ରହିବା କଥା କିନ୍ତୁ ପାଣି ନରହି ମାଟି ବାଲି ରହି ଯାଉଛି । ଡେମ୍ୟ ର ବିଭିନ୍ନ ସ୍ଥାନରେ ଗାତ ହଇ ପାଣି ବାହାରି ଯାଉଥିବାରୁ ସେହି ମାଟି ବାଲି ଜମା ହୋଇ ରହି ଯାଇଛି । ସେହିପରି ଝିଲିକୁ ବେଡ଼ା ଗ୍ରାମର ଚେକ୍ ଡେମ୍ୟ ର ଅବସ୍ଥା ମଧ୍ୟ ସମାନ । ବିଭିନ୍ନ ସ୍ଥାନରେ ଗାତ ସୃଷ୍ଟି ହୋଇ ପାଣି ବାହାରି ଯାଉଥିବାରୁ ଚାଷୀର କାମରେ ଆସୁନାହିଁ ବୋଲି ଗ୍ରାମର ଭୁବନ ଗଉଡ. ବୃନ୍ଦାବନ ଗଉଡ଼. କହିଛନ୍ତି । ଉକ୍ତ ଡ୍ୟାମକୁ ଲାଗି ସୋମନାଥ ଗଉଡଙ୍କ ଚାଷ ଜମି ରହିଛି । ସେହି ଜମିରେ ବାଲି ମାଟି ଗଦା ହୋଇ ରହିଥିବାରୁ ଚାଷ କରି ପାରୁ ନଥିବା କହିଛନ୍ତି । ପାଣି ଏକତ୍ରିତ ରହିଲେ ତ ଜଳସେଚନ କରିବୁ ବୋଲି ପ୍ରଶ୍ନ କରିଛନ୍ତି ଚାଷୀ । ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଚେକ୍ ଡ୍ୟାମ କାମରେ ଲାଗୁନଥିବାରୁ ଚାଷୀ ଚିନ୍ତାରେ ଥିବା କହିଛନ୍ତି । ଆଗାମୀ ଦିନରେ ଯଦି ଏହାର ପୁନରୁଦ୍ଧାର ନକଲେ ଆଉ ଆଖ ପାଖରେ ଥିବା ଜମିରେ ରବି ଚାଷ କରିହେବ ନାହିଁ ବୋଲି ଅଞ୍ଚଳର ଚାଷୀ ମାନେ କହିଛନ୍ତି । ଚାଷୀ ମାନଙ୍କ ସମସ୍ୟା ନେଇ ଆମେ ବିଭାଗୀୟ ଅଧିକାରୀ ମାନଙ୍କୁ ଯୋଗାଯୋଗ ନିମନ୍ତେ ଚେଷ୍ଟା କରିଥିଲୁ । କିନ୍ତୁ ଫୋନ ନ ଲିଗିବାରୁ ଯୋଗାଯୋଗ ହୋଇ ପାରିନାହିଁ ।

## କାଉଡିଆଗୁଡା ଆବାସିକ ବିଦ୍ୟାଳୟରେ ପିଏମ୍‌ଶ୍ରୀ ଉତ୍ସବ

କୁନ୍ଦୁରା, ୮।୧(ସମିସ): କୁନ୍ଦୁରା ବ୍ଲକ ଅନ୍ତର୍ଗତ କାଉଡିଆ ଗୁଡା ଆବାସିକ କନ୍ୟାଶ୍ରମ ଉଚ୍ଚ ବିଦ୍ୟାଳୟରେ ପିଏମ୍‌ଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କୋଟପାଡ଼ ବିଧାୟକ ରୂପୁ ଭତ୍ରା ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ବିଜୁ ପଟ୍ଟନାୟକ ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ହୃଦୟ ରଞ୍ଜନ ପଣ୍ଡା ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ରାଧାବିନୋଦ ସାମନ୍ତରାୟ, ଜିଲ୍ଲା ପରିଷଦ ସଭ୍ୟା କନକଲତା ପେଣ୍ଟିଆ, ଏମ୍‌ପି ପ୍ରତିନିଧି ଅମ୍ବୁ ପାତ୍ର, ବିଧାୟକ ପ୍ରତିନିଧି ବଦ୍ରିନାରାୟଣ ଆଚାର୍ଯ୍ୟ, କୁନ୍ଦୁରା ମଣ୍ଡଳ ସଭାପତି ପଦ୍ମନାଭ ବିଷୋୟୀ, ଦିଗାପୁର ମଣ୍ଡଳ ସଭାପତି ଧନପତି ପରଜା, ଏସଏମସି ଅଧ୍ୟକ୍ଷ ଜଗତ ନାୟକ, ନୂଆଗାଁ ପ୍ରଧାନ ଶିକ୍ଷକ ଏନ ରାଜେଶ କୁମାର, ଲିମା ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ଦାସ ଏବଂ ବ୍ଲକ ମଙ୍ଗଳ ଅଧିକାରୀ ସୁଜ୍ଞାନ ରଞ୍ଜନ ଜାଲି ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମ ଆରମ୍ଭରେ ଅନୁଷ୍ଠାନର ପ୍ରଧାନ ଶିକ୍ଷକ ଯୁଗଳ କିଶୋର ପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ଏଠାରେ ଛାତ୍ରୀମାନଙ୍କ ନିମନ୍ତେ ପିଏମଶ୍ରୀ ଟ୍ୟାଲେଣ୍ଟ ଗେଲେରୀ ପ୍ରଦର୍ଶିତ କରାଯାଇଥିଲା । ଗ୍ୟାଲେରୀ ମାଧ୍ୟମରେ ଛାତ୍ରୀ ମାନେ ଏହି ଷ୍ଟାଲ ଗୁଡିକରେ ରହିଥିବା ଜିନିଷ ପତ୍ର ବିକ୍ରି କରିଥିଲେ । ୨୦୦୮ ମସିହାରେ ପ୍ରତିଷ୍ଠା ଲାଭ କରିଥିବା ଏହି ବିଦ୍ୟାଳୟ ହଜାର ହଜାର ଆଦିବାସୀ ଛାତ୍ରୀ ମାନଙ୍କ ଜୀବନ ରେଖା ପାଲଟି ଥିବା ଏହି ବିଦ୍ୟାଳୟରେ ବିଭିନ୍ନ ସମସ୍ୟାର ସମାଧାନ କରିବାକୁ ପ୍ରଧାନ ଶିକ୍ଷକ ବିବରଣୀ ପାଠରେ ଅନୁରୋଧ କରିଥିଲେ । ଆଦିବାସୀ ହରିଜନ ଛାତ୍ରୀ ମାନଙ୍କ ଶିକ୍ଷାର କେନ୍ଦ୍ରବିନ୍ଦୁ ପାଲଟିଛି । ଏହି ବିଦ୍ୟାଳୟର ଛାତ୍ରୀ ମାନେ ନେଟ ବଲ ଗେମରେ ରାଜ୍ୟ ସ୍ତରକୁ ଖେଳିବାକୁ ଯାଇଛନ୍ତି । ବିଜ୍ଞାନ ମେଳା କ୍ଷେତ୍ରରେ ଏହି ଅନୁଷ୍ଠାନର ଛାତ୍ରୀ ମାନେ ଜୋନାଲ ସ୍ତରରେ ନିଜର ପାରଦର୍ଶିତା ଦେଖାଇଛନ୍ତି । ଅନୁଷ୍ଠାନର ଛାତ୍ରୀ ମାନଙ୍କ ଦ୍ୱାରା ନାରୀ ସଶକ୍ତି କରଣ ଉପରେ ଏକ ହୃଦୟସ୍ପର୍ଶୀ ନାଟକ ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଶ୍ରୀନିବାସ ପଣ୍ଡା, ରବୀନ୍ଦ୍ର ନାଥ ଗୌଡ଼, ଧନୁର୍ଜୟ ଖରା, ଶାନ୍ତିଲତା ବେହେରା, ଗଣେଶ ସାହୁ, ପରମାନନ୍ଦ ଆଚାର୍ଯ୍ୟ, ରଶ୍ମିତା କୁସୁଲିଆ ଓ ଦେବେନ୍ଦ୍ର ସେନାପତି ପ୍ରମୁଖ ଉପସ୍ଥିତ ଥିଲେ ।



## ଦେଶୀ ମଦ ଭାଟି ବନ୍ଦ କରିବାକୁ ଦାବି

ଉମରକୋଟ, ୮।୧(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ସହର ଠାରେ ଦିନକୁ ଦିନ ବଢ଼ିବାରେ ଲାଗିଛି ବେଆଇନ ଦେଶୀ ଓ ବିଦେଶୀ ମଦ ଭାଟି ବେଆଇନ ଭାବେ ପ୍ରସ୍ତୁତ କରି ବିକ୍ରି ହେଉଥିବା ବିଷାକ୍ତ ଦେଶୀ ମଦ ଭାଟି ବନ୍ଦ କରିବାକୁ ସାଧାରଣରେ ଦାବି ହୋଇଛି । ଉମରକୋଟ ସହରର ଆଖପାଖ ଅଞ୍ଚଳରେ ବିଷାକ୍ତ ଦେଶୀମଦ ତିଆରି ସହ ବିକ୍ରି ମଧ୍ୟ ହେଉଛି । ଫଳରେ ଏହି ମଦ ପିଇ ସହରର ଓ ଆଖପାଖ ଅଞ୍ଚଳରେ ଅନେକ ଯୁବକ ପ୍ରାଣ ହରାଇଛନ୍ତି । ଏବଂ ଅନେକ ପରିବାର ନଷ୍ଟ ହେଉଥିବା ନଜିର ରହିଛି । ଅନେକ ମଦ୍ୟପାନ ଜନିତ ରୋଗରେ ପୀଡିତ ହୋଇଛନ୍ତି । ଫଳରେ ଏହି ମଦ୍ୟପ ବ୍ୟକ୍ତି ଓ ଯୁବକ ମାନଙ୍କ ପରିବାର ଆର୍ଥିକ, ମାନସିକ ସ୍ତରରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଉମରକୋଟ ପୌରପରିଷଦ ଠାରେ ଯୁବପିଢି ମାନଙ୍କ ମଧ୍ୟରେ ମଦ୍ୟପାନ ବୃଦ୍ଧି ପାଇବା ଉଦ୍‌ବେଗର କାରଣ ହୋଇପଡ଼ିଛି । ସେହିଭଳି ଗ୍ରାମାଞ୍ଚଳ ତୁଳନାରେ ସହରାଞ୍ଚଳର ଯୁବପିଢି ଅଧିକ ମଦ୍ୟପାନ କରୁଛନ୍ତି । ଉମରକୋଟ ସହରଠାରେ ମଦ ବିକ୍ରି କ୍ରମାଗତ ଭାବେ ବଢ଼ି ଚାଲିଛି । ମଦ ବିକ୍ରି ପାଇଁ ସରକାରଙ୍କ ପକ୍ଷରୁ ଯେତିକି ଲାଇସେନ୍ସ ପ୍ରାପ୍ତ ମଦ ଦୋକାନ ରହିଛି ତାର ଦୁଇ ଗୁଣା ଅଧିକ ମଦଦୋକାନ ସହର ମଧ୍ୟରେ ରହିଛି ଓ ବିକ୍ରି କରାଯାଉଛି । ମଦ କାରବାର ବଢ଼ିବା ସହିତ ଉମରକୋଟ ମଦ ଦୋକାନ ସଂଖ୍ୟା ମଧ୍ୟ ବୃଦ୍ଧି ପାଇ ଚାଲିଛି । ଗୋଟିଏ ପଟେ ଅପରାଧ ଓ ଦୁର୍ଘଟଣା ପଛର ସବୁଠୁ ବ? କାରଣ ମଦ୍ୟପାନ ରହିଥିବା ବେଳେ ଏଭଳି ସ୍ଥିତି ଉମରକୋଟ ସହର କୁ କେଉଁ ଦିଗକୁ ଟାଣି ନେଉଛି, ତାହା ଏବେ ଚିନ୍ତାର ପ୍ରସଙ୍ଗ ପାଲଟିଛି । ସନ୍ଧ୍ୟା ହେଲେ ବିଭିନ୍ନ ଛକ, ଦୈନିକ ବଜାର ପିଣ୍ଡି, ପାର୍କ, ଷ୍ଟାଡିୟମ, ଠାରେ ନିଶାଖୋରଙ୍କ ଆଡ୍ଡାସ୍ଥଳୀ ପାଲଟିଥିବାବେଳେ ପ୍ରଶାସନର ନିଷ୍କ୍ରିୟତା ପାଇଁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଯୁବଗୋଷ୍ଠୀ ବିପଥଗାମୀ ହେବା ପାଇଁ ଅନେକ ରାସ୍ତା ମଧ୍ୟରୁ ନିଶା ସେବନ ଏକ ମୁଖ୍ୟ ମାରାତ୍ମକ ରାସ୍ତା । ଆଜିର ବହୁ ଯୁବଗୋଷ୍ଠୀ ନିଶାସକ୍ତ ହୋଇ ଉଚିତ ପଥ ଭୁଲି ମଦ ଓ ଅସାମାଜିକ ପଥରେ ଗତି କରୁଛନ୍ତି । ଗଳିକନ୍ଦିରେ ମଦ ଭାଟି ଖୋଲି ମଦର ବହୁଳ ପ୍ରସାର କରାଯାଉଥିବାରୁ ଯୁବଗୋଷ୍ଠୀ ପ୍ରଥଭ୍ରଷ୍ଟ ହେଉଛନ୍ତି ।

## ଆଇନ ସଚେତନତା କାର୍ଯ୍ୟକ୍ରମ



ସେମିଳିଗୁଡ଼ା, ୮।୧(ସମିସ): କୋରାପୁଟ ଜିଲ୍ଲା ସେମିଳିଗୁଡା ବ୍ଲକ ଅନ୍ତର୍ଗତ କୁନ୍ଦୁଲି ପଞ୍ଚାୟତର ଟି.ପୁଙ୍ଗାର ଠାରେ ସିଏସଏନଆର ଦ୍ୱାରା ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ଗ୍ରାମର ୱାର୍ଡ ସଭ୍ୟା ଓ ଅଙ୍ଗନବାଡି କର୍ମୀ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ଲୋକମାନଙ୍କୁ ଆଇନ ସମ୍ବନ୍ଧୀୟ ସଚେତନତାର ଆବଶ୍ୟକତା ବିଷୟରେ ନିଜର ମତ ରଖିଥିଲେ । ସିଏସଏନଆର ସଂଯୋଜକ ସାଦେବ ବାଘ ଆଇନ ସେବା କାର୍ଯ୍ୟାଧିକାରୀ ଆଇନ ଅନୁସୂଚିତ ଜାତି, ଜନଜାତି, ମହିଳା ଓ ଶିଶୁ, ଦିବ୍ୟାଙ୍ଗ, ଶ୍ରମିକ, ଦିନ ମଜୁରିଆ, ଘରୋଇ ହିଂସା, ବାଲ୍ୟ ବିବାହ, ଯୌତୁକ ହିଂସା, ଅଟ୍ରୋସିଟି ଆଇନ ଓ ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଧାରା ବିଷୟରେ ସରଳ ଭାଷାରେ ଉପସ୍ଥାପନ କରି ସାଧାରଣ ଲୋକଙ୍କୁ ସଚେତନ କରିଥିଲେ । ଏହି କାର୍ଯ୍ୟକ୍ରମର ସଫଳ ପରିଚାଳନା ଇଣ୍ଟର୍ନ ସୁଜାତା ଟାକରି କରିଥିଲେ । କାର୍ଯ୍ୟକ୍ରମରେ ଗ୍ରାମବାସୀ ଉପସ୍ଥିତ ରହି ଆଇନ ସମ୍ବନ୍ଧୀୟ ବିଭିନ୍ନ ପ୍ରଶ୍ନ କରି ଉତ୍ତର ଜାଣିଥିଲେ ।

## ହାଡ଼ଭଙ୍ଗା ଶୀତରେ ଜନଜୀବନ ଅସ୍ତବ୍ୟସ୍ତ

ସେମିଳିଗୁଡ଼ା, ୮।୧(ସମିସ): ସେମିଳିଗୁଡ଼ା ସହର ଏବଂ ଆଖପାଖ ଅଞ୍ଚଳରେ ଗତ କିଛି ଦିନ ହେଲା ହାଡ଼ଭଙ୍ଗା ଶୀତ ଅନୁଭୂତ ହେଉଛି । ଏଥିସହ ପ୍ରବଳ କୁହୁଡ଼ି ହେଉଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ଅସହ୍ୟ ଶୀତ ଓ କୁହୁଡ଼ି ଯୋଗୁଁ ୯ ୯ ନମ୍ବର ରାଜପଥ ଶୂନ୍‌ଶାନ ହୋଇପଡୁଛି । ଦୂରଦୁରାନ୍ତକୁ ଯିବାକୁ ଥିବା ଗାଡ଼ି ଗୁଡ଼ିକର ଡ୍ରାଇଭରମାନେ କୁହୁଡ଼ି ଛାଡ଼ିବା ପର୍ଯ୍ୟନ୍ତ ଅପେକ୍ଷା କରୁଛନ୍ତି । ପାରଦ ୪ /୫ ଡିଗ୍ରି ତଳେ ରହୁଥିବା ସହ ପ୍ରବଳ କୁହୁଡିରୁ ବର୍ତ୍ତିବା ପାଇଁ ଆଖପାଖ ଅଞ୍ଚଳରୁ ପରିବା ବିକ୍ରି କରିବାକୁ ଆସୁଥିବା ବ୍ୟବସାୟୀମାନେ ସକାଳେ ରାସ୍ତା ପାର୍ଶ୍ୱରେ ନିଆଁ ଜାଳି ବସୁଛନ୍ତି । ଶୀତ ଦିନକୁ ଦିନ ବଢ଼ିବାରେ ଲାଗିଥିବାବେଳେ ଅପରାହ୍ନ ପରେ ଘରୁ ବାହାରିବା ପାଇଁ ଲୋକେ ଇଚ୍ଛା ପ୍ରକାଶ କରୁନାହାନ୍ତି । ବ୍ଲକର ବିଭିନ୍ନ ସ୍ଥାନରେ ତିନିଥର ତୁଷାରପାତ ହୋଇଥିବାର ଦେଖିବାକୁ ମିଳି ଥିବାବେଳେ ଗତ ଦୁଇ ଦିନ ରେ କୁନ୍ଦିଲି ଅଞ୍ଚଳ ରେ ତୁଷାରପାତ ହୋଇଥିବାର ଦେଖା ଯାଉଛି । ଜମି ଉପରେ ତୁଷାରପାତ ହେବା ସହ ଥଣ୍ଡା ସକାଳ ୯ଟା ପର୍ଯ୍ୟନ୍ତ ରହୁଛି । ସେହିପରି ବ୍ଲକରେ ବର୍ତ୍ତମାନ ଥଣ୍ଡା ଯେଉଁ ଭଳି ପଡୁଛି, ଏହା ୨୫ ବର୍ଷ ତଳର ଥଣ୍ଡା ଅନୁଭବ ହେଉଥିବା ଲୋକଙ୍କ ମଧ୍ୟରେ ଆଲୋଚନା ଜୋର୍ ଧରିଛି ।

# ବିଭିନ୍ନ ସ୍ଥାନରେ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ







ଲକ୍ଷ୍ମୀପୁର, ୮।୧(ସମିସ)

କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ସଦର ମହକୁମାରେ ଥିବା ଏକ୍ସ ବୋର୍ଡ ବିଦ୍ୟାଳୟ ନାମ ପରିବର୍ତ୍ତନ ହୋଇଛି । ୧୯୨୯ ମସିହାରେ ଏହା ସ୍ଥାପନ ହୋଇଥିଲା । ଗତକାଲି ଓଡ଼ିଶାର ମହାନ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ନାମରେ ନାମିତ ହେଉଛି । ଏହି ବିଦ୍ୟାଳୟ ପୂର୍ବ ସ୍ଥାନରେ ନ ରହି ରଞ୍ଜିତଗୁଡା ରାସ୍ତା ନିକଟରେ ଥିବା ୟୁଏନ ରାଜୁ ବାଳିକା ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ନିର୍ମାଣ କରାଯିବ । ଏନେଇ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭର୍ଚୁଆଲ ମାଧ୍ୟମ ରେ ଶୁଭ ଉଦ†ାଟନ କରିଛନ୍ତି । ସେ ଏହି ବିଦ୍ୟାଳୟ ସ୍ଥାପନ ପାଇଁ ୫ରୁ ୭ କୋଟି ଟଙ୍କା ବ୍ୟୟ ବରାଦ କରାଯିବା ପାଇଁ ନିଜ ଅଭିଭାଷଣରେ କହିଥିଲେ । ଏହି ସମୟରେ ସ୍ଥାନୀୟ ଯୁବ ବିଧାୟକ ପବିତ୍ର ସାଉଁନ୍ତା, ଅଧ୍ୟକ୍ଷା ସୁୱାଇ କୁଳେସିକା, ଉପାଧ୍ୟକ୍ଷା ଆରତୀ କୁଲଦୀପ, ସାଂସଦ ପ୍ରତିନିଧି କୈଳାସ ଖୋସ୍ଲା, ଉକ୍ତ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ମାଧବ କର୍କରା ଏବଂ ଅନ୍ୟ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ବିଶ୍ୱନାଥ ଗରଡ଼ା, ଜୟକିସନ୍ ସାହୁ ଉପସ୍ଥିତ ରହିଥିଲେ । ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଭୂତି ଭୂଷଣ ତାକ୍ରି, ମୂଖ୍ୟ କିରାଣୀ ମିନାକ୍ଷୀ ମଞ୍ଜୁରୀ ବିଡ଼ିକ, ବ୍ଲକ ଶିକ୍ଷକ ସଂଘର ସଭାପତି ଦୟାନିଧି ଗରଡ଼ା, ସମ୍ପାଦକ ତ୍ରିନାଥ ମହାପାତ୍ର, ପ୍ରଧାନ ଶିକ୍ଷୟତ୍ରୀ ସୁକାନ୍ତି ସାହୁଙ୍କ ସହ ଅନ୍ୟ ଶିକ୍ଷକ ତଥା ମନୋଜ ପରିଡ଼ା, ହେମନ୍ତ ମହାନନ୍ଦିଆ, ଅର୍ଜୁନ ହିମରିକା ଓ ଉକ୍ତ କାର୍ଯ୍ୟାଳୟର ସଭାପତି ବଳରାମ ଦୀପଙ୍କ ସହ ଛାତ୍ର ଛାତ୍ରୀ ଶିକ୍ଷକ ଶିକ୍ଷୟତ୍ରୀ ମାନେ ଉପସ୍ଥିତ ରହିଥିଲେ । ଏହି କାର୍ଯ୍ୟକ୍ରମକୁ ରମେଶ ଆଲେଙ୍କି ପରିଚାଳନା କରିଥିଲେ ।

**ପୋଡ଼ାଗଡ଼:** କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅଧିନସ୍ଥ ଡୁମ୍ବାଗୁଡା ପ୍ରାଥମିକ ବିଦ୍ୟାଳୟରେ ଗୋଦାବରିଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କଲେ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ । ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ଜିଲ୍ଲା ଶିକ୍ଷା ଅଧିକାରୀ କରୁଣାକରଭୁଆ .ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସିଦ୍ଧେଶ୍ୱର ନାୟକ, ଦଶମନ୍ତପୁର ବ୍ଲକର ସହକାରୀ ଯନ୍ତ୍ରୀ ଅଭିଷେକ ଷଡ଼ଙ୍ଗୀ. ଶିକ୍ଷା ବିଭାଗର ସହକାରୀ ଯନ୍ତ୍ରୀ ଭେଙ୍କେଟେଶ୍ୱର ମିଶ୍ର, ଅତିରିକ୍ତ ଶିକ୍ଷା ଅଧିକାରୀ ମନ୍ମଥ ମାଡାଙ୍ଗୀ ଗିର୍ଲିଗୁମା ଆଞ୍ଚଳିକ ସାଧନା କେନ୍ଦ୍ରର ଅଧିକାରୀ ରାଜୀବ ହିଆଲ, ଏ ମାଲକାନଗିରି ଆଞ୍ଚଳିକ ସାଧନା କେନ୍ଦ୍ରର ଅଧିକାରୀ ପ୍ରିୟ ରଞ୍ଜନ ଦାସ ଗଣେଶ ଚନ୍ଦ୍ର ମଲ୍ଲିକ, ଡୁମ୍ବାଗୁଡା ଗ୍ରାମର ବୁଦ୍ଧିଜୀବୀ ହେମନ୍ତ ବିଶଇଙ୍କ ସମେତ ଗ୍ରାମବାସୀ, ସାଧନା କେନ୍ଦ୍ରର ଅଧୀନରେ ଥିବା ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

**ଜୟପୁର:** ଜୟପୁର ବ୍ଲକ କାଳିଆ ଗାଁ ଗ୍ରାମପଞ୍ଚାୟତର ସଦରଗ୍ରାମ ସ୍ଥିତ ସରକାରୀ ଉନ୍ନୀତ ଉଚ୍ଚବିଦ୍ୟାଳୟ ପରିସରରେ ମୁଖ୍ୟମନ୍ତ୍ରୀ ଭିଡିଓ କନଫ୍ରେନ୍ସ ମାଧ୍ୟମରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ପ୍ରଥମ ପର୍ଯ୍ୟାୟରେ ଓଡ଼ିଶାରେ ୧୧୮ଟି ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଉଦଘାଟନୀ ସ୍ଥଳରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବ୍ଲକ ଅଧ୍ୟକ୍ଷା ତିଳତ୍ତମା ମୁଦୁଲି ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟା ଅସ୍ଥା ନାୟକ, ତପତି ପଟ୍ଟନାୟକ, ରଶ୍ମୀ ରଥ, ପଞ୍ଚାୟତ ସମିତିସଭ୍ୟ ମଙ୍ଗଳଦାନ ହରିଜନ, ସରପଞ୍ଚ ସବିତା ମୁଦୁଲି, ସ୍ଥାନୀୟ ବିଧାୟକ ପ୍ରତିନିଧି ବସନ୍ତ ନାୟକ, ତହସିଲଦାର ସବ୍ୟସାଚୀ ଜେନା, ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟକ୍ଷ ରୁପଚନ୍ଦ୍ର ସୋରେନ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଜୟପୁର ଗୋଷ୍ଠୀ ଶିକ୍ଷାଧିକାରୀ ଚନ୍ଦନ ନାୟକ, ଏବିଓ କେ. ଗୋପାଳ, ସୋମନାଥ ଗାଦବା, ସିଆରସିସି ଜ୍ୟୋତିଶଙ୍କର ତ୍ରିପାଠୀ, ରୁଦ୍ର ପ୍ରଶନ୍ନ ପାଣିଗ୍ରାହୀ, ରାମେଶ୍ୱର ପଣ୍ଡା, ଅଭିମନ୍ୟୁ ପ୍ରଧାନ, ଆଦିତ୍ୟ ପଟ୍ଟନାୟକଙ୍କ ସମେତ ଜୟପୁର ପ୍ରାଥମିକ ସଂଘ ସଭାପତି ଦେବୀ ପ୍ରସାଦ ଦାଶ, ସମ୍ପାଦକ ପ୍ରଦୀପ କୁମାର ମିଶ୍ର, ପୁରନ୍ଦର ନାୟକ, ମମତା ମହାପାତ୍ର, ଜ୍ୟୋତିରାଣୀ ପଣ୍ଡା, ଶଙ୍କର ପ୍ରହରାଜ, ଶଙ୍କରୀ ଦଳପତି ପ୍ରମୁଖ ସହଯୋଗ କରିଥିଲେ ।

**ଚନ୍ଦାହାଣ୍ଡି:** ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ଅଧିନ ଉପାନ୍ତ ଅଞ୍ଚଳ କୁହୁଡି ପଞ୍ଚାୟତର ଡହିମାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟରେ ସାମିଲ ସହ ଭିତ୍ତିପ୍ରସ୍ତର କରାଯାଇଛି । ଏହି ଅଭାସି କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗନ୍ନାଥ ଧୂରୁଆ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ତହସିଲଦାର ସହଦେବ କୁଟ୍ରୁକା, ସମ୍ମାନିତ ଅତିଥି ଭାବେ କୁହୁଡି ସରପଞ୍ଚ ଉଜ୍ଜ୍ୱଳଦେଇ ମାଝୀ, ବରିଷ୍ଠ ସମାଜସେବୀ ଗୋବିନ୍ଦ କୁମାର ଜୈନ, ପ୍ରତାପ ବାଘ, ଆକାଲୁ ଜାଲି, ବସନ୍ତ ମାଝୀ, ଭରତ ବାଘ, ଭୋଦେବ ବାଗ, ଏବିଇଓ ବିଜୟାନନ୍ଦ ସୋରି, ପ୍ରେମଚାନ୍ଦ ସିଂ ଧୂରୁଆ, ସିଆରସିସି ଅଭିରାମ ବଗର୍ତି, ଡିଙ୍ଗର ସିଂ ଜଗତ, ରାଜେଶ୍ୱର ଦଣ୍ଡସେନା, ରବୀନ୍ଦ୍ର ନାୟକ ତିଳଚନ୍ଦ ନାୟକ, କୁମୁଦ ବାଘ, ବୀରବର ପଣ୍ଡା, ଗୁପ୍ତେଶ୍ୱର ସାହୁ, ମୋହନ ମାଝୀ ପ୍ରମୁଖଙ୍କ ସମେତ ଛାତ୍ରଛାତ୍ରୀ, ଅଭିଭାବକ, କମିଟି ସଦସ୍ୟ ଏବଂ ଗ୍ରାମବାସୀ ଉପସ୍ଥିତ ରହିଥଲେ । ସିଆରସିସି ବିଶ୍ୱରଞ୍ଜନ ପଣ୍ଡା ମଞ୍ଚ ପରିଚାଳନା କରିଥିବା ବେଳେ ଡହିମାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୃତିବାସ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



**ନବରଙ୍ଗପୁର:** ନବରଙ୍ଗପୁର ଜିଲ୍ଲା ଅନ୍ତର୍ଗତ ପାପଡ଼ାହାଣ୍ଡି ବ୍ଲକ ଖୁଟୁବାଇ ଉଚ୍ଚ ବିଦ୍ୟାଳୟଟି ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ମାନ୍ୟତା ପାଇଛି । ଏହାର ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଛି । ବିଦ୍ୟାଳୟର ଥିବା ଏକ ପଡ଼ିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ବିଧାୟକ ମନୋହର ରନ୍ଧାରୀ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ପଞ୍ଚାୟତ ସମିତି ଅଧ୍ୟକ୍ଷା ହେମଲତା ମାଝୀ ମୁଖ୍ୟବକ୍ତା ମୋତିରାମ ନାୟକ, ସରପଞ୍ଚ କୈଶଲ୍ୟା ନାୟକ ସମିତିସଭ୍ୟ ତୁଲାରାମ ନାୟକ ସାଂସଦ ପ୍ରତିନିଧି ସୋମନାଥ ପୂଜାରୀ, ବିଜେପୀ ମଣ୍ଡଳ ସଭାପତି କ୍ରିଷ୍ଣା ରାଓ ବିଜେଡି ନେତା ବିଦ୍ୟାଧର ମଲ୍ଲିକ ଅତିରିକ୍ତ ଗୋଷ୍ଠୀ ଶିକ୍ଷ୍ୟା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପୂଜାରୀ ବାଲକ ଦାସ୍ ରନ୍ଧାରୀ ପ୍ରଧାନ ଶିକ୍ଷକ ବିଷ୍ଣୁ ଚରଣ ମୁନ୍ନାଙ୍କ ସମେତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ । ଖୁଟୁବାଇ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଷ୍ଣୁ ଚରଣ ମୁନ୍ନାଙ୍କ ସହ ଆଭାସୀ ମାଧ୍ୟମରେ ଭାବବିନିମୟ କରିଥିଲେ । ଶେଷରେ ବିଜେଡି ନେତା ବିଦ୍ୟାଧର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

## କେବେ ଖୋଲିବ ପେଟ୍ରୋଲ ପମ୍ପର ତାଲା



କଲ୍ୟାଣ ସିଂହପୁର, ୮।୧(ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣ ସିଂହପୁର ବ୍ଲକରେ ଥିବା ଲକ୍ଷ୍ମୀଗଣପତି ଏଚ୍‌ପି ପେଟ୍ରୋଲ ପମ୍ପରେ ୧୮ ଦିନ ଧରି ତାଲା ପଡ଼ିଥିବା ଦେଖିବାକୁ ମିଳିଛି । ସୂଚନା ମୁତାବକ କୌଣସି ସୂତ୍ରରୁ ସମ୍ବଲପୁର ଡିଭିଜନରୁ କିଛି ପେଟ୍ରୋଲିୟମ ଅଧିକାରୀମାନେ ଲକ୍ଷ୍ମୀଗଣପତି ଏଚ୍‌ପି ପେଟ୍ରୋଲ ପମ୍ପର ତଦନ୍ତ କରିଥିଲେ । କିଛି ଲୋକ ଏକ ଲିଟର ପରିବର୍ତ୍ତେ ୯୦୦ ଏମ୍‌ଏଲ ତେଲ ଗ୍ରାହକଙ୍କୁ ଦିଆଯାଉଥିବା ନେଇ ପେଟ୍ରୋଲିୟମ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ । ତାହାକୁ ନେଇ ଅଧିକାରୀ ମାନେ ତଦନ୍ତ କରିବା ପରେ ଅଭିଯୋଗର ଘଟଣା ସତ୍ୟ ହୋଇଥିବାରୁ ସମସ୍ତ ନଥିପତ୍ର ଯାଞ୍ଚ କରି ପେଟ୍ରୋଲ ପମ୍ପରେ ତାଲା ପକାଇଥିଲେ । ଏ ସମ୍ପର୍କରେ ପେଟ୍ରୋଲ ପମ୍ପ ମାଲିକ ଏସ ସନ୍ତୁଙ୍କୁ ପଚାରିବାରୁ ଗୋଟିଏ ଦିନର କାଗଜପତ୍ର ଠିକ ନଥିବାରୁ ତାଲା ପକାଇଛନ୍ତି । କିନ୍ତୁ ୧୮ ଦିନ ହେବ ପେଟ୍ରୋଲ ପମ୍ପରେ ତାଲା ପଡ଼ି ରହିଛି । ସେଠାରେ ଷ୍ଟକ ନଥିବା ଦର୍ଶାଇ ସୂଚନା ଫଳକ ଲଗାଇଛନ୍ତି । ଏହା କେଉଁ କାରଣରୁ ପେଟ୍ରୋଲ ପମ୍ପ ବନ୍ଦ ରହିଛି ଲୋକଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି ।

## ଆର୍ମି ଓ ଅଗ୍ନିବୀରରେ ଯୋଗ ଦେବା ପାଇଁ ସଚେତନତା




ବିଷମ କଟକ, ୮।୧(ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକର ସ୍ଥାନୀୟ ମାଁ ମାର୍କମା ଯୁକ୍ତ ତିନି ମହାବିଦ୍ୟାଳୟରେ ଜିଲ୍ଲା ସ୍ତରୀୟ ନିଯୁକ୍ତ କାର୍ଯ୍ୟାଳୟ ତରଫରୁ ଗୋପାଳପୁର ଆର୍ମି ରିକ୍ରୁଟିଂ ଅଫିସର ସୁବେଦାର ମେଜର ସନ୍ତୋଷ କୁମାର ସିଂ ଓ ତାଙ୍କ ସହକର୍ମୀ ମାନେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଛନ୍ତି । ମହାବିଦ୍ୟାଳୟର ଅଧକ୍ଷ ଡ.ଅଶ୍ୱିନି କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଏହି ସଚେତନତା କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଯାଇଛି । ଅଗ୍ନୀବୀର ମାନେ ଅଗ୍ନିପଥ କାର୍ଯ୍ୟକ୍ରମରେ ଯୋଗ ଦେବା ନିମନ୍ତେ ଯେଉଁ ସବୁ ଯୋଗ୍ୟତା ଆବଶ୍ୟକ ସେ ସମ୍ପର୍କରେ ସଚେତନ କରାଯାଇଥିଲା । ଯେଉଁ ମାନେ କେବଳ ଅଷ୍ଟମ ପାସ୍ କରିଛନ୍ତି ସେମାନେ ଅଗ୍ନବୀର ଟ୍ରେଡ୍‌ସ ମ୍ୟାନ୍‌ରେ ନିଯୁକ୍ତ ପାଇବା ପାଇଁ ଆବେଦନ କରିପାରିବେ । ଯେଉଁ ମାନେ ଦଶମ ପାସ୍ କରିଛନ୍ତି ସେମାନେ ଅଗ୍ନବୀର ଜେନେରାଲଡ୍ୟୁଟି, ଅଗ୍ନବୀର ପୁଲିସ, ଏବଂ ନାରୀଶକ୍ତି ନିମନ୍ତେ ଆବେଦନ କରିପାରିବେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରି କାର୍ଯ୍ୟକ୍ରମକୁ ସଫଳ କରିଛନ୍ତି । କାର୍ଯକ୍ରମ ଶେଷରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯାଇ କୃତି ଛାତ୍ର ଛାତ୍ରୀ ମାନଙ୍କୁ କାର୍ଯ୍ୟକ୍ରମ ତରଫରୁ ପୁରସ୍କାର ପ୍ରଦାନ କରାଯାଇଥିଲ ।

## ବନ୍ଦେ ମାତରମ୍ ୧୫୦ ବର୍ଷ ପୂର୍ତ୍ତି ପ୍ରଶିକ୍ଷଣ ଶିବିର

ଗୁଣପୁର, ୮।୧(ସମିସ): ରାଷ୍ଟ୍ର ଗୀତ ବନ୍ଦେ ମାତରଂ ସୃଜନର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଭାରତ ସରକାର ତଥା ରାଜ୍ୟ ସରକାରଙ୍କ ଆହ୍ୱାନ କ୍ରମେ ସାରା ରାଜ୍ୟରେ ସାମୂହିକ ବନ୍ଦେ ମାତରଂ ଗାନର ପୂର୍ବ ପ୍ରସ୍ତୁତି ଚାଲିଛି । ବ୍ଲକ ସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସତ୍ରକୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମାନନ୍ଦ




ବରିହା, ସାମାଜିକ ସୁରକ୍ଷା ଅଧିକାରୀ ସ୍ମୃତିପ୍ରଭା ପାତ୍ର, ପ୍ରଧାନ ଶିକ୍ଷୟିତ୍ରୀ ଗାତାଞ୍ଜଳି ସାହୁ ଆରମ୍ଭ କରିଥିଲେ । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ପ୍ରାୟ ୧୫୦ ରୁ ଅଧିକ ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ । ପ୍ରଶିକ୍ଷଣର ପ୍ରାରମ୍ଭରେ ମଣ୍ଡଳ ସ୍ତରରୁ ତାଲିମ୍ ପ୍ରାପ୍ତ ଶିକ୍ଷକ କମଳାକାନ୍ତ ଖୁଣ୍ଟିଆ ବନ୍ଦେ ମାତରମ୍ ରାଷ୍ଟ୍ରଗୀତର ଭିତ୍ତିଭୂମି ଉପରେ ଆଲୋଚନା କରିଥିଲେ । ଆମ୍ବେଦକର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଶେଷସାୟୀ ସେନାପତି ବନ୍ଦେ ମାତରମ୍ ରାଷ୍ଟ୍ରଗୀତର ଭାବାର୍ଥ ଆଲୋଚନା କରିଥିଲେ । ଶିକ୍ଷକ ଏମ୍ କେଶବ ରାଓ ବନ୍ଦେ ମାତରମ୍ ଗାନକୁ ସ୍ୱର, ତାଳ, ଲୟ ମାଧ୍ୟମରେ ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ । ପରବର୍ତ୍ତୀ ସମୟରେ ଶିକ୍ଷକ ମାନେ ନିଜ ନିଜ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କୁ ବନ୍ଦେ ମାତରମ୍ ଗାନ ପାଇଁ ପ୍ରସ୍ତୁତି କରିବା ପାଇଁ ଏହି ପ୍ରଶିକ୍ଷଣର ବ୍ୟବସ୍ଥା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି ।

## ସ୍ୱେଚ୍ଛାସେବୀ ସଂଗଠନ ହାତରେ ସ୍ୱାଭିମାନ ଅଞ୍ଚଳର ସ୍ୱାସ୍ଥ୍ୟସେବା

# ଉତ୍ତମ ସେବା ମିଳୁନି, ରୋଗୀ ହନ୍ତସନ୍ତ

ଚିତ୍ରକୋଣ୍ଡା, ୮ ।୧(ସମିସ)

ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳର ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସ୍ୱେଚ୍ଛାସେବୀ ସେବୀ ସଂଗଠନ ହାତରେ ଟେକି ଦେଇ ଚୁପ ବସିଛି ସ୍ୱାସ୍ଥ୍ୟ ବିଭାଗ । ଯାହା ଫଳରେ ସ୍ୱାଭିମାନ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଅବସ୍ଥା ସୁଧୁରିବା ବଦଳରେ ବିଗିଡିବାରେ ଲାଗିଥିବା ଅଭିଯୋଗ ହୋଇଛି । ଅଞ୍ଚଳରେ ପ୍ରାୟତ ଗରିବ ଓ ବିଭିନ୍ନ ଜନଜାତିର ଲୋକେ ରହୁଥିବା ବେଳେ ସେମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ମିଳୁନଥିବା ସହ ଦିନକୁ ଦିନ ସ୍ୱାସ୍ଥ୍ୟ ସେବାର ସ୍ଥିତି ଦୟନୀୟ ହେଉଥିବା ରୋଗୀ ଓ ଅଞ୍ଚଳବାସୀ ପ୍ରକାଶ କରିଛନ୍ତି । ସୂଚନା ଅନୁଯାୟୀ, ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକର ସ୍ୱାଭିମାନ ଅଞ୍ଚଳର ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହେବାକୁ ଲାଗିଛି । ପ୍ରଶାସନ ପକ୍ଷରୁ ସ୍ୱାଭିମାନ ଅଞ୍ଚଳରେ ଥିବା ଦୁଇଗୋଟି ସ୍ୱାସ୍ଥ୍ୟ କେନ୍ଦ୍ର ମଧ୍ୟରୁ ଯୋଡାମ୍ବ ମେଡିକାଲକୁ ପିପୁଲସ ଫୋରମ ଏବଂ ଯାନବାଇ ମେଡିକାଲକୁ ପୁଷ୍ପକ ନାମକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ହାତକୁ ଟେକି ଦିଆଯାଇଛି । ଏହି ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୁଡିକ ସଠିକ ଭାବେ ସ୍ୱାସ୍ଥ୍ୟକେନ୍ଦ୍ରର ପରିଚାଳନା କରୁନଥିବାରୁ ସ୍ୱାଭିମାନ ଅଞ୍ଚଳରେ ଥିବା ୯ ଗୋଟି ପଞ୍ଚାୟତରେ ପ୍ରାୟ ୩୦ ହଜାରରୁ ଅଧିକ ଲୋକେ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି । ଲୋକେ ସମସ୍ୟା ଭୋଗୁଥିବା ବେଳେ, ସ୍ୱାସ୍ଥ୍ୟ ବିଭାଗ କହିଛି ଏହି ସ୍ୱାସ୍ଥ୍ୟ କେନ୍ଦ୍ର ପିପିପି ମୋଡରେ ଚାଲିଛି ।




ରୋଗୀ ଓ ଗର୍ଭବତୀଙ୍କ ପାଇଁ ସମସ୍ତ ସୁବିଧା କରାଯାଇଛି । କିନ୍ତୁ ବାସ୍ତବିକ ଚିତ୍ର ସମ୍ପୂର୍ଣ ଓଲଟା ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି । ଏଠାରେ ରହିଥିବା ଜାନବାଇ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ଥିବାବେଳେ ଯୋଡ଼ାଆମ୍ବ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିୟମିତ ଡାକ୍ତର ନାହାନ୍ତି । ନାହିଁ ନାହିଁରେ ଚାଲିଛି ଦୁଗୋଟି ସ୍ୱାସ୍ଥ୍ୟ କେନ୍ଦ୍ର । ଆବ୍ୟଶକ ଭିତିଭୂମି ସମ୍ପୂଣ ଅଭାବ ଥିବାରୁ ରୋଗୀ ସେବା ମିଳୁନଥିବାରୁ ବାଧ ହୋଇ ରୋଗୀ ମାଇଲ ମାଇଲ ବାଟ ଦୂରରେ ଥିବା ଚିତ୍ରକୋଣ୍ଡା କିମ୍ବା ମାଲକାନଗିରି ଡାକ୍ତରଖାନାକୁ ଯିବାକୁ ପଡୁଛି । ଅନ୍ୟଥା ରୋଗୀଙ୍କୁ ଡାକ୍ତର ସେଠାରୁ ଅନ୍ୟତ୍ରକୁ ରେଫର କରାଯାଉଛି । ଯାହାଦ୍ୱାରା ସେମାନେ ଅଧିକା ଖର୍ଚ୍ଚାନ୍ତ ହେଉଛନ୍ତି । ସ୍ୱାଭିମାନ ଅଞ୍ଚଳର ନଅଟି ପଞ୍ଚାୟତବାସୀ ମାନେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଅସୁବିଧା ସମ୍ମୁଖୀନ ହେଉଛନ୍ତି । ବିଶେଷ କରି ବର୍ଷା ଋତୁରେ ଏହି ଦୁଇଟି ସ୍ୱାସ୍ଥ୍ୟକେନ୍ଦ୍ର ପ୍ରଭାବିତ ହୋଇଥାଏ । ଚତୁର୍ପାଶ୍ୱରେ ବନ୍ୟା ଜଳ ପ୍ରବେଶ କରି ଔଷଧ, କାଗଜପତ୍ର ଆଦି ନଷ୍ଟ ହୁଏ, ସ୍ଥିତି ଏପରି ହୁଏଜେ ରୋଗୀଙ୍କୁ ସ୍ୱାସ୍ଥ୍ୟ ସେବା ମଧ ଯୋଗାଇବା କଷ୍ଟକର ହୋଇପଡେ । ସରକାର ଓ ମାଲକାନଗିରି ପ୍ରଶାସନ ଚାହିଁଲେ ସ୍ୱାସ୍ଥ୍ୟ କ୍ଷେତ୍ରରେ ସୁଧାର ଆଣି ପାରିବେ । ଦୁଇଟି ମେଡିକାଲକୁ ପରିଚାଳନା ନିମନ୍ତେ କୌଣସି ଏନଜିଓ ସଂସ୍ଥା ନଦେଇ ନିଜେ ଦାୟିତ୍ୱ ନେଲେ ଉତ୍ତମ ଚିକିତ୍ସା ମିଳିବ ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି । ଭଲ ଔଷଧ, ଡାକ୍ତର, ଫାର୍ମାଶିଷ୍ଟ, ନର୍ସିଙ୍ଗ ଷ୍ଟାପ ସହ ଭଲ ଭିତିଭୂମି ସୃଷ୍ଟି ହେଲେ ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ମିଳି ପାରିବ । ଅନ୍ୟପକ୍ଷେ ବଡପଡ଼ା ଠାରେ ନିର୍ମିତ ହୋଇଥିବା ପୋର୍ଟେବଲ ହେଲଥ କ୍ୟାର ୟୁନିଟଟି ସମ୍ପୂର୍ଣ୍ଣ ଭାବରେ ନଷ୍ଟ ହୋଇଗଲାଣି । ଦୁଇ କୋଟି ଟଙ୍କା ଖର୍ଚ୍ଚରେ ନିର୍ମିତ ହୋଇଥିବା ମେଡିକାଲଟି ନଷ୍ଟ ହୋଇ ଆଉ ତାହା ବ୍ୟବହାର ଯୋଗ୍ୟ ହୋଉନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିନ୍ତି । ଏସବୁ ସମସ୍ୟାକୁ ନେଇ ଆମେ ମାଲକାନଗିରି ସିଡିଏମ୍‌ଓ ଦୋଳମଣି ପ୍ରଧାନଙ୍କୁ ପଚାରିବାରୁ ସେ ପ୍ରକାଶ କରିଛନ୍ତି ଯେ ଏ ସବୁଦିଗରେ ଥିବା ସମସ୍ୟାର ସମାଧାନ ଦିଗରେ ଖୁବ୍‌ଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ । ଯଥାଶୀଘ୍ର ଅଞ୍ଚଳବାସୀଙ୍କୁ ଉତ୍ତମ ରୋଗୀ ସେବା ମିଳିବ ବୋଲି ସେ ପ୍ରକାଶ କରିଛନ୍ତି ।

## ମିନାଝୋଲାରେ ଶିବରାତ୍ରି ଯାତ୍ରା ପ୍ରସ୍ତୁତି ବୈଠକ



ଚନ୍ଦ୍ରପୁର, ୮।୧(ସମିସ): ଚନ୍ଦ୍ରପୁର ବ୍ଲକ ସଦ୍‌ଭାବନା ସଭା ଗୃହରେ ମିନାଝୋଲା ମହା ଶିବରାତ୍ରି ଯାତ୍ରା ନିମନ୍ତେ ବ୍ଲକ ଅଧକ୍ଷ କଇନ କିମ୍ବାକାଙ୍କ ଅଧକ୍ଷତାରେ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ପ୍ରଶାସନ ନିଜସ୍ୱ ଖର୍ଚ୍ଚ ବହନ କରି ୩ ବର୍ଷ ପର୍ଯ୍ୟନ୍ତ ମିନାଝୋଲା ଶିବରାତ୍ରି ଯାତ୍ରା ଦାୟିତ୍ୱ ତୁଲାଇଥିଲେ । ଚଳିତ ବର୍ଷ ଠାରୁ ହନୁମନ୍ତପୁର ଗ୍ରାମ ପଞ୍ଚାୟତକୁ ଦାୟିତ୍ୱ ନେବା ନିମନ୍ତେ ସମିତି ବୈଠକ ନିଷ୍ପତ୍ତି ନିଆଯାଇ ଥିବା ନେଇ ଅଧକ୍ଷ ପ୍ରକାଶ କରି ଥିଲେ । ଯାତ୍ରାର ସମସ୍ତ ଦାୟିତ୍ୱ ଗ୍ରାମପଞ୍ଚାୟତ ବହନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ମୁଖ୍ୟତଃ ଲୁହା ଡ୍ରିଲ ନିର୍ମାଣ କରିବା ନିମନ୍ତେ ଟଙ୍କା ଆବଶ୍ୟକତା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଲୁହା ଡ୍ରିଲ୍ ନିର୍ମାଣ କରା ହେଲେ ସୁରକ୍ଷାରେ ଭକ୍ତ ମାନେ ମନ୍ଦିର ଭିତରେ ଭଗବାନଙ୍କୁ ଦର୍ଶନ କରି ପାରିବେ । ଗ୍ରାମପଞ୍ଚାୟତକୁ ପ୍ରଶାସନ ସ୍ତରରେ ଆଇନ ସୁରକ୍ଷା ଠାରୁ ସମସ୍ତ କ୍ଷେତ୍ରରେ ସହଯୋଗ ଦିଆଯିବ ବୋଲି ଉପସ୍ଥିତ ଅଧିକାରୀ ସହମତି ପ୍ରକାଶ କରିଥିଲେ । ଏହି ପ୍ରସ୍ତୁତି ବୈଠକରେ ବିଡ଼ିଓ ସୌମ୍ୟକାନ୍ତ ବାଙ୍ଗୋଲା, ତହସିଲଦାର୍ ସୁନିଲ କୁମାର ପ୍ରଧାନ, ଏସଡିପିଓ ସନ୍ତୋସିନୀ ଓରାମ, ଜିଲ୍ଲା ପରିଷଦ ସଭ୍ୟ ସୁଜିତ ବ୍ରେଡେକା, ନିର୍ବାହୀ ଯନ୍ତ୍ରୀ ବିଶ୍ୱଜିତ ମିଶ୍ର, ଚନ୍ଦ୍ରପୁର ଥାନା ଅଧିକାରୀ ପ୍ରଶାନ୍ତ ସେଠୀ, ମୁନିଗୁଡା ସୌଦାମିନୀ ବେହେରା, ସିଡି ପିଓ ଗୀତାରାଣୀ ସାହୁ, ସୁପର ଭାଉଜର ପ୍ରଦୀପ କୁମାର ପାଣିଗ୍ରାହି, ରାଜସ୍ୱ ନିରୀକ୍ଷକ ଅଳକା ପଣ୍ଡା, ରୁଦ୍ର ପ୍ରସାଦ ରହ୍ନାଲୁ, ସରପଞ୍ଚ ଭୀମ ଗଗେରେଙ୍ଗା, ପିଇଓ କରୁଣାକର ସେନାପତି, ଏଡିଇଓ ବଳରାମ ମିଶ୍ର, ରଣେଶ୍ୱର ବ୍ରେଡେକା, ଧର୍ମେନ୍ଦ୍ର ବଳିଆର, ବିଭିନ୍ନ ବିଭାଗ କର୍ମ ଚାରୀ, ମିନାଝୋଲା ଯାତ୍ରା କମିଟି ଏବଂ ଗୁଡ଼ାରୀ ବ୍ଲକର ବୁଦ୍ଧି ଜିବି ପ୍ରମୁଖ ଉପସ୍ଥିତ ଥିଲେ ।

## ରାୟଗଡ଼ାରେ ଉଦ୍ୟୋଗ ସଚେତନତା କାର୍ଯ୍ୟକ୍ରମ

ରାୟଗଡ଼ା, ୮।୧(ସମିସ): ରାୟଗଡ଼ା ସହରର ସ୍ଥାନୀୟ ଜିଲ୍ଲା ଶିଳ୍ପ କେନ୍ଦ୍ର ସମ୍ମିଳନୀ କକ୍ଷରେ ଏକ ଦିବସୀୟ ଶିଳ୍ପ ସଚେତନତା ଶିବିର ଆୟୋଜିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀ ଶିଳ୍ପଦ୍ୟୋଗୀ ଋଣସୁଧ ପ୍ରତିପୂରଣ ଯୋଜନାରେ ଲାଭାନ୍ୱିତ ହେବାକୁ ଥିବା ପ୍ରାୟ ୪୩ଜଣ ଶିଳ୍ପଦ୍ୟୋଗୀ ଏଥିରେ ଯୋଗଦାନ କରିଥିଲେ । ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ଚିତ୍ତରଞ୍ଜନ ମଲ୍ଲିକଙ୍କ ପୌରୋହିତ୍ୟରେ ସଭାକାର୍ଯ୍ୟ ଆରମ୍ଭ କରାଯାଇ ଉକ୍ତ ଯୋଜନା ସମ୍ବନ୍ଧରେ ବିଶେଷ ଭାବେ ଆଲୋକପାତ କରାଯାଇଥିଲା । ଅତିଥି ପରିଚୟ ଓ ସ୍ୱାଗତ ସମ୍ଭାଷଣରେ ସୁନୀଲ ପଟ୍ଟନାୟକ, ଆଇପିଓ ଯୋଜନାର ରୂପରେଖ, ଫଳଦ୍ଧ ସୁବିଧାବଳୀ, ଦରଖାସ୍ତ ଦାଖଲର ପ୍ରଣାଳୀ, ଦରକାରୀ କାଗଜପତ୍ର, ସମୟସୀମା ଆଦି ବୁଝାଇ କହିଥିଲେ । ସେହିପରି ଅଂଶୁମାନ ବେହେରା, ଆଇପିଓ ତ୍ରୁଟିଶୂନ୍ୟ ଆବେଦନ ପାଇଁ ଉଦାହରଣ ଦେଇଥିଲେ । ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଅବସରପ୍ରାପ୍ତ ବରିଷ୍ଠ ଶିଳ୍ପ ଅଧିକାରୀ ତଥା ରାୟଗଡ଼ାଶିଳ୍ପ ସଂଘର




ଔଦ୍ୟୋଗିକ ପରାମର୍ଶଦାତା ସବ୍ୟସାଚୀ ସାହୁ ବର୍ତମାନ ଡିଆଇସି ମାନଙ୍କ ଜରିଆରେ ପ୍ରଦାନ କରାଯାଉଥିବା ସମସ୍ତ ଯୋଜନାର ଉପଲବ୍ଧ ସୁବିଧା ଓ ରିହାତି ମାନଙ୍କ ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ନରିନ କୁମୁନ୍ଦନ, ଅଧକ୍ଷ, ଓଡ଼ିଶା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀ ସଂଘ ତାଙ୍କର ଅନୁଭୂତି ବଖାଣିବା ସହିତ ଉକ୍ତ ଯୋଜନାର ଲାଭ ନେବାକୁ ନିର୍ଦ୍ଧାରିତ ଚଳିତ ମାସ ଆସନ୍ତା ଜାନୁଆରୀ ୧୫ ତାରିଖ ପୂର୍ବରୁ ଆବେଦନ ନିମନ୍ତେ ଜଣାଇଥିଲେ । ସେ ମଧ୍ୟ ଏକ ଶିଳ୍ପଦ୍ୟୋଗ ପ୍ରଦର୍ଶନୀ ମେଳା ଓ ରାୟଗଡ଼ା ସହର ଉପକଣ୍ଠରେ ଆଉ ଏକ ଶିଳ୍ପାଞ୍ଚଳ ପ୍ରତିଷ୍ଠା ନିମନ୍ତେ ସାଧାରଣ ପରିଚାଳକଙ୍କୁ ନିବେଦନ କରିଥିଲେ । ଶେଷରେ ସୁବ୍ରତ କୁମାର ପଟ୍ଟନାୟକ, ଆଇପିଓ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଜିଲ୍ଲା ନିବେଶ ବିକାଶ ସଂସ୍ଥାନର ଅଧିକାରୀଗଣ ଲକ୍ଷ୍ମୀକାନ୍ତ ଜେନା, ସୁନୀଲ କୁମାର ପ୍ରଧାନ ଏବଂ ସୌମିତ୍ର ପଟ୍ଟନାୟକ, ବରିଷ୍ଠ ସହାୟକ ଡିଆଇସି ସଭା ପରିଚାଳନାରେ ସହାୟତା କରିଥିଲେ ।

## ଜବରଦଖଲ ଉଚ୍ଛେଦ ପାଇଁ ସଚେତନତା



ରାମନାଗୁଡ଼ା, ୮।୧(ସମିସ): ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ବ୍ଲକ ମହକୁମାର ମୁଖ୍ୟ ବଜାର ଓ ରାସ୍ତାର ଉଭୟ ପାର୍ଶ୍ୱରେ ଜବରଦଖଲ ଉଚ୍ଛେଦ ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ସ୍ଥାନୀୟ ବ୍ୟବସାୟୀ ଏବଂ ଲୋକ ମାନଙ୍କୁ ସଚେତନ କରାଯାଇଛି । ମୂଖ୍ୟତଃ ସ୍ଥାନୀୟ ବଜାର ଅଞ୍ଚଳରେ ରାସ୍ତାର ଦୁଇ ପାର୍ଶ୍ୱ ଜବର ଦଖଲ ବଢୁଥିବାରୁ ଟ୍ରାଫିକ ସମସ୍ୟା ଉପୁଜିବା ସହ ଛୋଟ ବଡ଼ ଦୁର୍ଘଟଣା ଘଟୁଛି । ସେହିପରି ଶୁକ୍ରବାର ଦିନ ଚାକୁଣ୍ଡାରେ ହାଟ ବସୁଥିବାରୁ ତାହାର ସିଧାସଳଖ ବ୍ୟବସାୟ ପାଇଁ ରାମନାଗୁଡ଼ା ବଜାର ଉପରେ ଅଞ୍ଚଳର ଲୋକ ମାନେ ନିର୍ଭର କରିଥାନ୍ତି । ତେଣୁ ଏଠାରେ ବାହାରୁ ପରିବା ବ୍ୟବସାୟୀ ଠାରୁ ଆରମ୍ଭ କରି କଦଳୀ, ଚପଲ, ଲୁଗା, ଷ୍ଟେସନାରୀ ବ୍ୟବସାୟୀ ମାନେ ୩୨୬ ଜାତୀୟ ରାଜପଥ କଡ଼ରେ ପସରା ମେଲି ବସୁଛନ୍ତି । ତାହାର ପ୍ରଭାବ ପଡୁଛି ଟ୍ରାଫିକ ସମସ୍ୟା ଉପରେ । ଅପରପକ୍ଷରେ ବାଇକ୍ ଚାଳକ ମାନେ ମଧ ରାସ୍ତା ଉପରେ ବାଇକ୍ ରଖୁଥିବାରୁ ସେଥିପାଇଁ ମଧ ଟ୍ରାଫିକ ସମସ୍ୟା ଉପୁଜୁଥିବା ଦେଖିବାକୁ ମିଳିଛି । ଏଣୁ ଟ୍ରାଫିକ ସମସ୍ୟାର ସମାଧାନ ନିମନ୍ତେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳ, ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ, ଥାନା ଅଧିକାରୀ ସୁନୀତା ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ସ୍ଥାନୀୟ ପେଟ୍ରୋଲ ପମ୍ପ ଠାରୁ ଆରମ୍ଭ କରି କଲ୍ୟାଣ ମଣ୍ଡପ ଯାଏଁ ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ଜବର ଦଖଲ ଉଚ୍ଛେଦ ପାଇଁ ଦୋକାନୀ ତଥା ସ୍ଥାନୀୟ ଲୋକଙ୍କୁ ସଚେତନ କରାଇଥିଲେ । ଏହି ସମୟର ସ୍ଥାନୀୟ ବ୍ୟବସାୟୀ ସଂଘର ସଦସ୍ୟ, ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ । ପ୍ରଶାସନ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯିବାରୁ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି ।

## ଆଞ୍ଚଳିକସ୍ତରୀୟ ଶିକ୍ଷଣ ସାମଗ୍ରୀ କର୍ମଶାଳା

ମାଲକାନଗିରି, ୮ ।୧(ସମିସ): ମାଲକାନଗିରି ବ୍ଲକ ଅନ୍ତର୍ଗତ ଗୌଡଗୁଡ଼ା କ୍ଲଷ୍ଟର ନିଳିମାରି ଆଶ୍ରମ ବିଦ୍ୟାଳୟରେ ସିଆରସିସି ରଞ୍ଜିତ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ତିନି ଦିନିଆ ଶିକ୍ଷଣ ସାମଗ୍ରୀ କର୍ମଶାଳାର ଆୟୋଜନ କରାଯାଇଥିଲା । ଏହି କାର୍ଯକ୍ରମରେ ଗବେଷକ ଗଣେଶ ଚନ୍ଦ୍ର ଜେନା ଓ ମନୋରଞ୍ଜନ ସେଠୀ ଅତିଥି ଭାବରେ ଯୋଗଦେଇ ସ୍ୱଳ୍ପ ମୂଲ୍ୟରେ କିପରି ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରି ବିଦ୍ୟାଳୟଗୁଡିକରେ ଶିକ୍ଷା ଦାନ ପାଇଁ ବ୍ୟବହାର କରାଯାଇ ପାରିବ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି



କାର୍ଯକ୍ରମର ଏହି ପଞ୍ଚାୟତର ୧୫ ବିଦ୍ୟାଳୟରୁ ୧୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଯଥା ବିନର୍ଭା ରାଉତ, ଶ୍ରୀତିସ୍ମିତା ଜୟସିଂ, ଜୟଶ୍ରୀ କୁମାରୀ ସୁଆର, ନନ୍ଦିନୀ ପ୍ରଧାନ, ପ୍ରଜ୍ଞା ପରିମିତା ନାୟକ, ଚାନ୍ଦିନୀ ବାର୍ଦା, ମୋତି ନାୟକ, ଗୌରିପ୍ରଭା ମହାରଣା, ଦିବ୍ୟଜ୍ୟୋତି ପରିଡ଼ା, ରୁଦ୍ର ମାଧବ ମେହେର ଯୋଗଦେଇ ବିଭିନ୍ନ ପ୍ରକାରର ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିଥିଲେ । ଶେଷରେ ବିଦ୍ୟାଳୟର ପ୍ରଧାନ ଶିଷୟିତ୍ରୀ ବୀରା ମାଡ଼ୀ ଧନ୍ୟବାଦ୍ ଦେଇ ସଭାକୁ ସାଙ୍ଗ କରିଥିଲେ ।

# ହାତ ପାହାନ୍ତାରେ ଲୁହା ସାମଗ୍ରୀର ବଜାର

କୋରୁକୋଣ୍ଡା, ୮ ।୧(ସମିସ)

ସଭ୍ୟ ସମାଜ ଗଢି ଉଠିବା ପୂର୍ବରୁ ଆଜି ପର୍ଯ୍ୟନ୍ତ ମଣିଷ ଜୀବନ ସର୍ବଦା ସଂଘର୍ଷମୟ । ଆଦିମ କାଳରେ ଖାଦ୍ୟ ଅନ୍ୱେଷଣରେ ମଣିଷ ଯାଯାବର ଜୀବନଯାପନକୁ ଅପଣେଇ ନେଇଥିଲା । ବର୍ତ୍ତମାନ ଆଧୁନିକ ସମାଜରେ ମଧ ପେଟର ନିଆଁକୁ ଶାନ୍ତ କରିବା ପାଇଁ ଯାଯାବର ଜୀବନକୁ ଛାଡି ପାରିନାହିଁ ମଣିଷ । ଏବେବି ଏମିତି କିଛି ସମ୍ପ୍ରଦାୟର ଲୋକମାନେ ଅଛନ୍ତି, ଯିଏକି ଯାଯାବର ଭାବେ ଜୀବନଯାପନ କରୁଛନ୍ତି । ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ବାଲିମେଳା ସହରର ଆମ୍ବେଦକର ଛକ ସେହିଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଥିଲା । ସୁଦୂର ମଧ୍ୟପ୍ରଦେଶର କମାର ସମ୍ପ୍ରଦାୟର କିଛି ପରିବାର ଗାଁକୁ ଗାଁ ସହରରୁ ସହର ବୁଲି ବୁଲି ଯାଯାବର ଜୀବନରେ ଖୋଜୁଛନ୍ତି ଜୀବନଜୀବିକା । ନିଜ କୌଳିକ ବୃତ୍ତିକୁ ଆପଣେଇ ନେଇଥିବା କେତେକ କମାର ପରିବାର ମଧ୍ୟପ୍ରଦେଶର ବାହାରି ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ଛତିଶଗଡ଼



ଏବଂ ଓଡ଼ିଶାର ବିଭିନ୍ନ ସହରରେ ପହଁଞ୍ଚି ଲୁହାର ବିଭିନ୍ନ ଘର ଉପକରଣ ସାମଗ୍ରୀ ତିଆରି କରି ବିକ୍ରି କରୁଛନ୍ତି । ଗୋଟିଏ ଜାଗାରେ କିଛି ଦିନ ଅସ୍ଥାୟୀ ଜରି ପାଲରେ ତିଆରି ଛପର ତଳେ କମାରଶାଳ କରି ଟାଙ୍ଗିଆ, କଟୁରୀ, ପନିକି, ଦାଆ, ଛୁରୀ, କୋଦାଳ, ଗଇଁତି ଭଳି ବିଭିନ୍ନ ଲୁହା ସାମଗ୍ରୀ ତିଆରି କରି ଜୀବିକା ଉପାର୍ଜନ କରନ୍ତି । ସକାଳ ହେଲେ ଏହି ପରିବାରର ପୁରୁଷ ମହିଳା ମାନେ ମିଶି ଲୁହା ସାମଗ୍ରୀ ତିଆରି କରିଥାନ୍ତି । ଆଉ କିଛି ମହିଳା ସେମାନଙ୍କ କୁନି କୁନି ପିଲାମାନଙ୍କୁ ଲାଳନପାଳନ କରନ୍ତି । ସେହିପରି ଏମାନେ ଯେଉଁ ସହରରେ ରୁହନ୍ତି ତାର ଆଖପାଖ ସାପ୍ତାହିକ ହାଟ, ଦୈନିକ ବଜାର ସମ୍ପର୍କରେ ସ୍ଥାନୀୟ ଲୋକଙ୍କ ଠାରୁ ବୁଝି ସେହି ବଜାର ଏବଂ ସାପ୍ତାହିକ ହାଟରେ ନିଜ ଲୁହା ସାମଗ୍ରୀର ପସରା ମେଲାଇ ବସି ବିକ୍ରି କରନ୍ତି । ତାଙ୍କ ପରିବାରର ଜଣେ ଯୁବ ସଦସ୍ୟ ସୁରେଶ ଲୋହାରଙ୍କୁ ବିଭିନ୍ନ ଲୁହା ସାମଗ୍ରୀର ମୂଲ୍ୟ ପଚାରିବାରୁ ପନିକି, ୪ ଶହ, କଟୁରୀ ୩ ଶହ, ଟାଙ୍ଗିଆ ୫ ଶହରୁ ୬ ଶହ, ଛୁରୀ ୫୦ ଟଙ୍କାରୁ ଶହେ ଦୁଇ ଶହ ପର୍ଯ୍ୟନ୍ତ ରହିଛି ବୋଲି କହିଥିଲେ । ସ୍ଥାନୀୟ ଲୋକମାନେ ପୂର୍ବରୁ ତିଆରି ଲୁହା ସାମଗ୍ରୀକୁ କିଣିବା ସହିତ ନିଜ ମନ ମୁତାବକ ସାମଗ୍ରୀ ମଧ ତାଙ୍କୁ କହି ବନେଇ ଉଚିତ ମୂଲ୍ୟ ଦେଇ ନେଇଥାନ୍ତି । ସେହିପରି ପରିବାରର ମୁଖିଆ ସର୍ଦ୍ଦାର ଲୋହାରଙ୍କୁ ପଚାରିବାରୁ ବାଲିମେଳା ପରେ ମାଲକାନଗିରି, କାଲିମେଳା, ଏମଭି-୭୯ ବଜାରରେ କିଛି କିଛି ଦିନ ରହି ଛତିଶଗଡ଼ ହେଇ ମଧ୍ୟପ୍ରଦେଶର ନିଜ ଗାଁକୁ ଫେରିଯିବୁ ବୋଲି କହିଥିଲେ । ଶୀତଋତୁ ଆସିଗଲେ ଏଭଳି ଯାଯାବର ଜୀବନର ଦୃଶ୍ୟ ଦେଶର ବିଭିନ୍ନ ସହରରେ ଦେଖିବାକୁ ମିଳିଥାଏ । ସେହିପରି ମଧ୍ୟପ୍ରଦେଶ, ରାଜସ୍ଥାନର ଏହିଭଳି ଅନେକ ପରିବାର ବିଭିନ୍ନ ରାଜ୍ୟର ସହର ଠୁଁ ସହର, ଗାଁକୁ ଗାଁ ବୁଲି ବୁଲି, କେହି ଜଡ଼ିବୁଟି ବିକ୍ରି କରିଥାନ୍ତି ତ ଆଉ କେହି ପ୍ଲାଷ୍ଟର ପ୍ୟାରିସରେ ନିର୍ମିତ ବିଭିନ୍ନ ଫୁଲଦାନି, ଗମଲା ଏବଂ ବିଭିନ୍ନ ପ୍ରତିମା ତିଆରି କରି ବିକ୍ରି କରୁଥିବାର ଦେଖିବାକୁ ମିଳୁଛି ।

# କର୍ପା ପଞ୍ଚାୟତରେ ବିଏସ୍‌ପିର ମିଶ୍ରଣ ପର୍ବ



ବିଷମକଟକ, ୮।୧(ସମିସ ): ରାଜ୍ୟରେ ଭାଜପା ସରକାର ଗଢ଼ିଥିବା ବେଳେ ରାୟଗଡ଼ା ଜିଲ୍ଲାର ୩ଟି ବିଧାୟକ ଆସନ କଂଗ୍ରେସ ଦଖଲରେ ରହିଛି । ସେହିପରି ଜିଲ୍ଲା ପରିଷଦ ସମେତ ଜିଲ୍ଲାର ଅନେକ ସମିତି ଓ ପଞ୍ଚାୟତ ବିଜେଡି ଅକ୍ତିଆର କରିଛି । ତୃଣମୂଳସ୍ତରରେ ବହୁଜନ ସମାଜ ପାର୍ଟି ତାର ସଂଗଠନକୁ ସୁଦୃଢ଼ କରିବା ଦିଗରେ ଅହରହ ପରିଶ୍ରମ କରିଚାଲିଥିବା ଦେଖିବାକୁ ମିଳିଛି । ଏହି ପରିପ୍ରେକ୍ଷୀରେ ଆଜି ରାୟଗଡ଼ା ଜିଲ୍ଲାର ବିଷମକଟକ ନିର୍ବାଚନ ମଣ୍ଡଳି ଅନ୍ତର୍ଗତ କଲ୍ୟାଣସିଂପୁର ବ୍ଲକ ଅଧିନସ୍ତ କର୍ପା ଗ୍ରାମ ପଞ୍ଚାୟତ ଠାରେ ବହୁଜନ ସମାଜ ପାର୍ଟୀର ମିଶ୍ରଣ ପର୍ବ ଆୟୋଜିତ ହୋଇଯାଇଛି । ଏହି କ୍ରମରେ ଆଜି କର୍ପା ପଞ୍ଚାୟତର ୮ ଖଣ୍ଡ ଗାଁ ଆଜି ବହୁଜନ ସମାଜ ପାର୍ଟିରେ ସାମିଲ ହୋଇଛନ୍ତି । ଜିଲ୍ଲା ରାଜନୀତିକୁ ସରଗରମ କରିଥିବା କଲ୍ୟାଣସିଙ୍ଗପୁର ବ୍ଲକରେ ଚର୍ଚ୍ଚାର ବିଷୟ ହୋଇଛି । ଆଜି କର୍ପା ପଞ୍ଚାୟତ ସ୍ଥିତ ଖମ୍ବେଶକଣାର ଏକ ଆମ୍ବତୋଟା ଠାରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଯେଉଁଥିରେ ଲେଳିଂପଦର, ଏଚକୋନା, ସିଙ୍ଗାମଇ, ରାଣୀପଦର, ଟିକ୍ରା ଗୁଡା, ସଦଲସ, ଅଜୟଗଡ଼, ସମେତ ଖମ୍ବେଶକଣା ପ୍ରମୁଖ ଗାଁର ଶତାଧିକ ମହିଳା, ପୁରୁଷ, ବୟସ୍କ ସମସ୍ତେ ଆଜି ବିଏସପିରେ ଯୋଗ ଦେଇଥିଲେ । ଏହିଭଳି ଭାବେ ବିଶାଳ ମିଶ୍ରଣ ପର୍ବ ଆୟୋଜନ କରି ଜିଲ୍ଲାରେ ବହୁଜନ ସମାଜପାର୍ଟି ସଂଗଠନକୁ ଦିନକୁ ଦିନ ସୁଦୃଢ଼ କରି ଚାଲିଛି । ମିଶ୍ରଣ ପର୍ବରେ ବହୁଜନ ସମାଜ ପାର୍ଟୀ ରାଜ୍ୟ ସମ୍ପାଦିକା ସୁନିତା ବିଡ଼ିକା ମୁଖ୍ୟ ଅତିଥି ଏବଂ ରାୟଗଡ଼ା ଜିଲ୍ଲା ପ୍ରଭାରୀ ରାମଦାସ ଟାକ୍ରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ନବାଗତଙ୍କୁ ସ୍ୱାଗତ କରିଛନ୍ତି । ଆଜି କଲ୍ୟାଣସିଂପୁର ବ୍ଲକର ବିଭିନ୍ନ ରାଜନୈତିକ ଦଳର କର୍ମୀ ମାନେ ବହୁ ସଂଖ୍ୟାରେ ବିଏସ୍‌ପିରେ ଯୋଗଦାନ କରିଛନ୍ତି । ଯେଉଁ ବିଶ୍ୱାସ ନେଇ ବହୁଜନ ସମାଜପାର୍ଟିରେ ଯୋଗ ଦେଉଛନ୍ତି । ସେମାନଙ୍କ ଦ୍ୱାରା ଦଳ ଆହୁରି ସୁଦୃଢ଼ ହେବ ଏବଂ ଆଗାମୀ ଦିନରେ ବହୁଜନ ସମାଜ ପାର୍ଟି ଜିଲ୍ଲାର ରାଜନୈତିକ ସମୀକରଣ ବଦଳାଇବାର କ୍ଷମତା ଅର୍ଜନ କରିପାରିବ ବୋଲି ଜିଲ୍ଲା ପ୍ରଭାରୀ ରାମଦାସ ଟାକ୍ରି ପ୍ରକାଶ କରିଛନ୍ତି ।

